
ଭୁବନେଶ୍ୱର ୟୁନିଟ୍-୮ ଜଗନ୍ନାଥ ମନ୍ଦିର ପକ୍ଷରୁ ଅନୁଷ୍ଠିତ ରଥଯାତ୍ରା ।


ଆର୍‌ସିଏମ୍ ଜଗନ୍ନାଥ ମନ୍ଦିର ରଥକୁ ଭକ୍ତମାନେ ଟାଣି ନେଉଛନ୍ତି ।

# ରାଜଧାନୀରେ ରଥ, ପଥ ଭକ୍ତମୟ

**ଭୁବନେଶ୍ୱର, ୧୭(ବ୍ୟୁରୋ)**

ଦୁଇବର୍ଷ ପରେ ଚଳିତ ବର୍ଷ ଭକ୍ତଙ୍କ ମେଳରେ ରଥରେ ବସି ଜନ୍ମବେଦୀ ମାଉସୀ ଘରକୁ ଯାଇଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ । ସାଙ୍ଗରେ ଅଛନ୍ତି ଭାଇ ତଥା ବଡ଼ ଠାକୁର ବଳଭଦ୍ର, ଭଉଣୀ ଦେବୀ ସୁଭଦ୍ରା ଓ ଚକ୍ରରାଜ ଶ୍ରୀସୁଦର୍ଶନ । ଝୁଲି ଝୁଲି ପହଣ୍ଡିରେ ରଥ ଉପରକୁ ଯିବାଠାରୁ ମାଉସୀ ଘର ନିକଟରେ ପହଞ୍ଚିବା ପର୍ଯ୍ୟନ୍ତ ରାଜଧାନୀର ରଥ, ପଥ ପୂରା ଭକ୍ତିମୟ ହୋଇପଡିଥିଲା । ଭୁବନେଶ୍ୱରର ଇସ୍କନ, ଆର୍‌ସିଏମ୍, କିସ୍ ଜଗନ୍ନାଥ ମନ୍ଦିର ସମେତ ବାଣୀବିହାର, ଭିଏସ୍ଏସ୍ ନଗର, ରସୁଲଗଡ଼, ପଟିଆ, ବରମୁଣ୍ଡା, ୟୁନିଟ୍-୧, ୟୁନିଟ୍-୫, ୟୁନିଟ୍-୮, ପୁରୁଣା ଭୁବନେଶ୍ୱରର ବିଭିନ୍ନ ସ୍ଥାନରେ ହୋଇଥିବା ରଥଯାତ୍ରାରେ ଭକ୍ତ-ଭଗବାନଙ୍କ ଅପୂର୍ବ ମିଳନ ଦେଖିବାକୁ ମିଳିଥିଲା । ନନ୍ଦିଘୋଷ, ତାଳଧ୍ୱଜ ଓ ଦେବଦଳନ ରଥଟାଣି ଅପୂର୍ବ ଆନନ୍ଦ ଲାଭ କରିଥିଲେ ଭକ୍ତ ।

ଇସ୍କନ ମନ୍ଦିରରେ ସକାଳ ଧୂପ ସହ ସମସ୍ତ ନୀତିକାନ୍ତି ସରିବା ପରେ ଅପରାହ୍ନ ୧୨ଟା ୩୦ରେ ତିନିଠାକୁରଙ୍କ ପହଣ୍ଡି ହୋଇଥିଲା । ପାଖାପାଖି ସାଢ଼େ ୩ରେ ରଥଟଣା ଆରମ୍ଭ ହୋଇଥିଲା । ମହିଳାମାନେ ସୁଭଦ୍ରାଙ୍କ ରଥ ଟାଣିଥିଲେ । ଭକ୍ତମାନେ ୩ ରଥକୁ ୟୁନିଟ୍-୮ ଡିଏଭି ସ୍କୁଲ ନିକଟ ମାଉସିମା ଘର ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଟାଣି ନେଇଥିଲେ । ରାତି ୭ଟା ୪୦ରେ ରଥ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିବା ପରେ ପ୍ରବଚନ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଅନ୍ୟାନ୍ୟ ରୀତିନୀତି କରାଯାଇଥିଲା । ୯ଟା ୩୦ରେ ପହଣ୍ଡି ସରିବା ପରେ ୧୦ଟାରେ ଭକ୍ତଙ୍କୁ ପ୍ରସାଦ ବଣ୍ଟା ଯାଇଥିଲା । ବହୁ ଭକ୍ତ ଜାତୀୟ ରାଜପଥର ବ୍ରିଜ୍ ଉପରେ ରଥଯାତ୍ରା ଦେଖିଥିଲେ ।

ଶ୍ରୀବାଣୀ କ୍ଷେତ୍ର କିସ୍ ଜଗନ୍ନାଥ ମନ୍ଦିରରେ କିସ୍ ଓ କିଟ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଅପରାହ୍ନ ୩ଟା ୩୦ରେ ଛେରା ପହଁରା କରିଥିଲେ । ଅପରାହ୍ନ ୪ଟା ୩୦ରେ ଭକ୍ତମାନେ ପ୍ରଭୁ ବଳଭଦ୍ର, ଦେବୀ ଶୁଭଦ୍ରା ଓ ମହାପ୍ରଭୁ ଜଗନ୍ନାଥଙ୍କ ରଥକୁ ନବର୍ନିମିତ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ଟାଣିଥିଲେ । ଘଣ୍ଟଘଣ୍ଟା, ମୃଦଙ୍ଗ, ଖୋଳ କରତାଳ ନିନାଦ ସହ ଜୟ ଜଗନ୍ନାଥ ଧ୍ୱନିରେ ରଥଦାଣ୍ଡ ପ୍ରକମ୍ପିତ ହୋଇଥିଲା । ଏଠାରେ ମଧ୍ୟ ଦେବୀ ଶୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣିଥିଲେ ।

ଆର୍‌ସିଏମ୍ ଜଗନ୍ନାଥ ମନ୍ଦିରରେ ପ୍ରତିବର୍ଷ ୩ ଠାକୁର ୩ ରଥରେ ବସି ଯାତ୍ରା କରୁଥିଲେ । ଚଳିତବର୍ଷ ଗୋଟିଏ ରଥରେ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ବିଜେ ହୋଇଥିଲେ । ଅପରାହ୍ନ ୪ଟା ପରେ ରଥ ଟଣା ଯାଇଥିଲା । ଲୋକନୃତ୍ୟ ସହ ବାଜା, ଘଣ୍ଟ ଧ୍ୱନିରେ ରଥ ଓ ପଥ ପ୍ରକମ୍ପିତ ହୋଇଥିଲା । ବୀର ସୁରେନ୍ଦ୍ର ସାଏ ନଗରରେ ଶ୍ରୀ ଶ୍ରୀ ଭୁବନେଶ୍ୱରୀ ମନ୍ଦିର ପରିଚାଳନା ସମିତି ପକ୍ଷରୁ ୧୫ତମ ରଥଯାତ୍ରା ଅନୁଷ୍ଠିତ ହୋଇଛି । ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା ଡିଏଲ କଲୋନୀସ୍ଥିତ ଭୁବନେଶ୍ୱରୀ ମନ୍ଦିରରୁ ଅପରାହ୍ନ ୩ଟା ୩୦ରେ ଯାତ୍ରା ଆରମ୍ଭ କରି ସନ୍ଧ୍ୟା ପୂର୍ବରୁ ଆଡ଼ପ ମଣ୍ଡପରେ ପହଞ୍ଚିଥିଲେ । ସଭାପତି ଡ.ଜୟନ୍ତ ପରିଡ଼ା ଛେରା ପହଁରା କରିଥିବା ବେଳେ ସାଧାରଣ ସମ୍ପାଦକ ପ୍ରତାପ କୁମାର ନନ୍ଦ ପହଣ୍ଡି ବିଜେ କରାଇଥିଲେ । ଉପ ସଭାପତି ପ୍ରଶାନ୍ତ ଷଡ଼ଙ୍ଗୀ, ନିତ୍ୟ ରଞ୍ଜନ ନନ୍ଦ, ଧରଣୀଧର ରାଉତ, ପ୍ରକାଶ କୁମାର ଦାସ, ନବିନ କୁମାର ଭୁକ୍ତା, ଖିରୋଦ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ ।

ୟୁନିଟ୍-୫ସ୍ଥିତ ଶ୍ରୀ ଜଗନ୍ନାଥ ମନ୍ଦିର ପକ୍ଷରୁ ସକାଳ ୯ଟାରେ ରଥ ପ୍ରତିଷ୍ଠା ହୋଇଥିଲା । ଅପରାହ୍ନ ୧୨ଟା ୩୦ରେ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପହଣ୍ଡି କରାଯାଇ ରଥବିଜେ କରାଯାଇଥିଲା । ଅପରାହ୍ନ ୨ଟାରେ ଛେରା ପହଁରା ଓ ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ହୋଇଥିଲା । ଭୁବନେଶ୍ୱର କ୍ଲବ୍ ଦେଇ ୟୁନିଟ୍-୬ ଅଞ୍ଚଳ ବୁଲି ରାଧାକୃଷ୍ଣ ମନ୍ଦିର ସମ୍ମୁଖରେ ଅପରାହ୍ନ ୫ଟା ୩୦ରେ ରଥ ପହଞ୍ଚିବା ପରେ ମାଉସୀମା ମନ୍ଦିରକୁ ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ନିଆଯାଇ ସେଠାରେ ନୀତିକାନ୍ତି କରାଯାଇଛି । ରଥଟଣା ସମୟରେ ସବୁଠି ଆବଶ୍ୟକ ସୁରକ୍ଷା ବ୍ୟବସ୍ଥା ହୋଇଥିଲା ।


ଭିଏସ୍ଏସ୍ ନଗର

## ପଟ୍ଟଚିତ୍ରରେ ଜଗନ୍ନାଥ

ରାଜ୍ୟ ସଂଗ୍ରହାଳୟରେ ମଧ୍ୟ ରଥଯାତ୍ରା ଉପଲକ୍ଷେ ଜଗନ୍ନାଥଙ୍କ ବିଭିନ୍ନ ପଟ୍ଟଚିତ୍ରକୁ ନେଇ ଏକ ପ୍ରଦର୍ଶନୀ ଉଦ୍‌ଘାଟିତ ହୋଇଛି । ବାହୁଡ଼ା ପର୍ଯ୍ୟନ୍ତ ଏହି ପ୍ରଦର୍ଶନୀ ଚାଲିବ । ଜଗନ୍ନାଥଙ୍କ ଜଣାଣ ସହ କମ୍ପି ଉଠିଥିଲା ସଂଗ୍ରହାଳୟ । ଏହି ଅବସରରେ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଭାଗ୍ୟଲିପି ମଲ୍ଲ ପ୍ରମୁଖ ଉପସ୍ଥିତ ଥିଲେ ।


କୋଳଥିଆ


ପଟିଆ


ପୁରୁଣା ଭୁବନେଶ୍ୱର ଦରଜି ସାହି


ବରମୁଣ୍ଡାରେ ଅନୁଷ୍ଠିତ ରଥଯାତ୍ରା ।


ଶହୀଦ ନଗରରେ ରଥାରୂଢ଼ ତିନି ଠାକୁର ।


ରସୁଲଗଡ଼ ଗାଁରେ ଭକ୍ତମାନେ ରଥ ଟାଣୁଛନ୍ତି ।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଶା ପ୍ରାଇଭେଟ ଇଞ୍ଜିନିୟରିଂ ସ୍କୁଲ୍ସ ଆସୋସିଏଶନ ପକ୍ଷରୁ 'ପଲି କୁଇଜ୍', କନଫରେନ୍ସ ହଲ୍, ଷ୍ଟାର୍ଟଅପ୍ ଓଡ଼ିଶା, ଟିସିଏସ୍ ନିକଟ, ସକାଳ ୯ଟା ।
- ବିଜେଡି ବୈଠକ, ୫୪ ନଂ. ପ୍ରକୋଷ୍ଠ, ବିଧାନସଭା ସୌଧ, ପୂର୍ବାହ୍ନ ୧୦ଟା ୩୦ ।
- ୧୩ତମ କଟନ ଫ୍ୟାବର ଉଦ୍‌ଘାଟନ, ଗେଟ ନଂ.୨(ଏକାମ୍ର ହାଟ ପାଖ), ୟୁନିଟ-୩, ପୂର୍ବାହ୍ନ ୧୦ଟା ୩୦ ।
- ମା ଦୁର୍ଗା ରଜତ ଜ୍ୟୋତି ପ୍ରଡକ୍ସନ ପକ୍ଷରୁ 'ଅଧୁରା ପ୍ରେମ କାହାଣୀ'ର ଶୁଭ ମହୁରତ, ବିଷ୍ଣୁ ମନ୍ଦିର, ନୀଳାଦ୍ରି ବିହାର, ପୂର୍ବାହ୍ନ ୧୦ଟା ୩୦ ।
- ମାସିକ ପତ୍ରିକା କାଦମ୍ବିନୀର ସ୍ୱନକ୍ଷତ୍ର ଉତ୍ସବ, ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ।

## ଦାରୁକ୍ଷେତ୍ର ଦଧିମାଛଗାଡ଼ିଆରେ ଘୋଷଯାତ୍ରା

**ଖୋର୍ଦ୍ଧା ଅଫିସ/ପୁରୁଣା ଭୁବନେଶ୍ୱର, ୧୭(ଡି.ଏନ୍.ଏ.)**

ଖୋର୍ଦ୍ଧାର ଦାରୁକ୍ଷେତ୍ର ଭାବେ ପରିଚିତ ଦଧିମାଛଗାଡ଼ିଆସ୍ଥିତ ଶ୍ରୀପତିତପାବନ ଜୀଉଙ୍କ ଘୋଷଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି । ପ୍ରାତଃରୁ ଠାକୁରଙ୍କ ସମସ୍ତ ନୀତିକାନ୍ତି ପରେ ଅପରାହ୍ନ ୩ଟାରେ ମାନସ ରଞ୍ଜନ ପଟ୍ଟନାୟକ ଛେରାପହଁରା କରିଥିଲେ । ଏହି ଅବସରରେ ସ୍ମରଣିକା 'ଦାରୁକ୍ଷେତ୍ରର ଦାରୁଦେବତା' ଉନ୍ମୋଚିତ ହୋଇଥିଲା । ଏହା ପରେ ଶ୍ରଦ୍ଧାଳୁଙ୍କ ଦ୍ୱାରା ରଥ ଟଣାଯାଇଥିଲା । ଅପରାହ୍ନ ୫ଟା ୩୦ରେ ମାଉସୀ ମା' ମନ୍ଦିରରେ ରଥ ଲାଗିଥିଲା । ଦୁଇବର୍ଷ ପରେ ରଥାରୂଢ ଠାକୁରଙ୍କ ଦର୍ଶନ କରି ଶ୍ରଦ୍ଧାଳୁମାନେ ଆନନ୍ଦିତ ହୋଇଥିଲେ ।

## ଗେଟ୍ ବନ୍ଦ ପାଇଁ ଦର୍ଶନରୁ ବଞ୍ଚିତ ହେଲେ ଭିଏସ୍ଏସ୍ ନଗର ବାସିନ୍ଦା

**ଭୁବନେଶ୍ୱର, ୧୭ (ବ୍ୟୁରୋ)**

ଚଳିତ ବର୍ଷ ଉତ୍କଳ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ରଥଯାତ୍ରାରେ ଭିଏସ୍ଏସ୍ ନଗରବାସୀ ଅଂଶ ଗ୍ରହଣ କରିପାରି ନାହାନ୍ତି । ଭିଏସ୍ଏସ୍ ନଗରକୁ ଲାଗି ବିଶ୍ୱବିଦ୍ୟାଳୟର ୩ ନମ୍ବର ଗେଟ୍‌କୁ ପାଚେରୀ ଉଠାଇ, ତାଲା ପକାଇ ବନ୍ଦ କରିଦେବା ଫଳରେ ଏପରିସ୍ଥିତି ସୃଷ୍ଟି ହୋଇଛି । ଲୋକେ ଠାକୁରଙ୍କ ଦର୍ଶନରୁ ମଧ୍ୟ ବଞ୍ଚିତ ହୋଇଛନ୍ତି । ସ୍ୱେଚ୍ଛାଚାରିତା ମନୋଭାବ ରଖି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ ଏଭଳି ପଦକ୍ଷେପ ନେଇଥିବା ଭିଏସ୍ଏସ୍ ନଗର ଉନ୍ନୟନ ପରିଷଦ ପକ୍ଷରୁ ଅଭିଯୋଗ କରାଯାଇଛି । ଏହାକୁ ବିରୋଧ କରିବା ସହିତ ଭକ୍ତଙ୍କ ଭାବ ପ୍ରବଣତାକୁ ଦୃଷ୍ଟିରେ ରଖି ପରିଷଦ ପକ୍ଷରୁ ଶୁକ୍ରବାର ସକାଳେ ୩ ନମ୍ବର ଗେଟ ପାଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା । ଭକ୍ତମାନେ ପାଚେରୀ ଏପାଖରୁ ଦୀପ ଜାଳି ଭଗବାନଙ୍କୁ ପ୍ରାର୍ଥନା କରିଥିଲେ । ଏହି ଗଣଧାରଣା ଓ ସମୂହ ପ୍ରାର୍ଥନା ସଭାରେ ପରିଷଦର ସାଧାରଣ ସମ୍ପାଦକ ଦିଲୀପ ଦାଶଶର୍ମା ସଭାପତିତ୍ୱ କରିଥିବାବେଳେ କୋଷାଧକ୍ଷ ମହେଶ୍ୱର ବିଶ୍ୱାଳ, ଯୁଗ୍ମ ସମ୍ପାଦକ ପ୍ରତାପ ନନ୍ଦ, ବରିଷ୍ଠ ନାଗରିକ କମିଟିର ସାଧାରଣ ସମ୍ପାଦକ ଇଂ. ସୁରେଶ କର, ଦୁର୍ଗାପୂଜା ସମିତିର ଉପ-ସଭାପତି ନିମାଇଁ ଦାସ, ସାଧାରଣ ସମ୍ପାଦକ ଶିତଳ ଚନ୍ଦ୍ର ମହାନ୍ତି, ଯୁଗ୍ମ ସମ୍ପାଦକ ରାମ ଚନ୍ଦ୍ର ସାମଲ ପ୍ରମୁଖ ବହୁବାସିନ୍ଦା ସାମିଲ ହୋଇଥିଲେ ।

## ୨.୫ କୁଇଣ୍ଟାଲ ଏକକ ବ୍ୟବହାର ପ୍ଲାଷ୍ଟିକ ଜବତ

**ଭୁବନେଶ୍ୱର, ୧୭ (ବ୍ୟୁରୋ)**

ଭୁବନେଶ୍ୱରରେ ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ୍ ଉପରେ ରୋକ୍ ଲଗାଯାଇଛି । ଜୁଲାଇ ୧ ଶୁକ୍ରବାରଠାରୁ ବିଏମ୍‌ସି ପକ୍ଷରୁ କଡ଼ାକଡ଼ି କରାଯାଇଛି । ସ୍ୱତନ୍ତ୍ର ଟିମ୍ ନାଲ୍‌କୋ ଛକଠାରୁ ଡମଣା ବଜାର ପର୍ଯ୍ୟନ୍ତ ଥିବା ୨୧ଟି ଦୋକାନରେ ଚଢାଉ କରି ୨.୫ କୁଇଣ୍ଟାଲ ଏକକ ବ୍ୟବହାର ଯୋଗ୍ୟ ପ୍ଲାଷ୍ଟିକ ଜବତ କରିଛି । ସେଥିମଧ୍ୟରୁ କେବଳ ୧ କୁଇଣ୍ଟାଲ ପଲିଥିନ୍ ରହିଛି । ଏଥିସହ ସମ୍ପୃକ୍ତ ଦୋକାନୀଙ୍କଠାରୁ ୧୮ଶହ ଟଙ୍କା ଜରିମାନା ଆଦାୟ କରାଯାଇଛି । ବିଏମ୍‌ସି ପକ୍ଷରୁ ଆଗକୁ ମଧ୍ୟ ଏପରି ସଚେତନତା ଓ ଏନ୍‌ଫୋର୍ସମେଣ୍ଟ କରାଯିବ ବୋଲି ଉତ୍ତର ଜୋନ୍ ଜେଡିସି ପୁରନ୍ଦର ନନ୍ଦ ସୂଚନା ଦେଇଛନ୍ତି । ସେହିପରି ଡେପୁଟି କମିଶନର ଶୁଭେନ୍ଦୁ କୁମାର ସାହୁ (ସାନିଟେଶନ) ଭୁବନେଶ୍ୱରକୁ ସ୍ୱଚ୍ଛ ଓ ସବୁଜ ସହର ଗଢିବା ପାଇଁ ସମସ୍ତଙ୍କ ସହଯୋଗ ଲୋଡ଼ିଛନ୍ତି ।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com


@ ମୃତ୍ୟୁଞ୍ଜୟ


@ ବିଭାସ


@ କାହ୍ନୁଚରଣ


@ ପ୍ରଦୀପ୍ତ


@ ଚନ୍ଦ୍ରମଣି


@ ସ୍ୱସ୍ତିକ

## ଘର ଉପରେ ମାଡ଼ିଗଲା ହାଇୱା

### ୨ ଶ୍ରମିକ ମୃତ, ୨ ଆହତ

**ଖୋର୍ଦ୍ଧା ଅଫିସ, ୧୭**

୧୬ନମ୍ବର ଜାତୀୟ ରାଜପଥର ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଜାନକୀ ବଲ୍ଲଭ ପାର୍କ ନିକଟରେ ଶୁକ୍ରବାର ଭୋରରୁ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ଏକ ବାଲି ବୋଝେଇ ହାଇୱା (ଓଆର୦୨-ଏ-୭୩୪୮) ଭାରସାମ୍ୟ ହରାଇ ଓଭରବ୍ରିଜ୍ ନିର୍ମାଣ କରୁଥିବା ଏକ ଠିକା ସଂସ୍ଥାର ଅସ୍ଥାୟୀ କ୍ୟାମ୍ପ (ଟିଣ ଘର) ଉପରେ ମାଡ଼ିଯାଇଥିଲା । ଫଳରେ ଘର ଭିତରେ ଶୋଇଥିବା ୨ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବାବେଳେ ଅନ୍ୟ ଦୁଇଜଣ ଆହତ ହୋଇଛନ୍ତି । ମୃତକ ହେଲେ ପଶ୍ଚିମବଙ୍ଗ ବେଲରୁଘାଟର ବାଦଲ ପାହାଣ(୨୦) ଏବଂ କନକ ପାହାଣ (୨୦) । ଆହତଦ୍ୱୟ ହେଲେ ପଶ୍ଚିମବଙ୍ଗ ମସିହାନୋଟାର ସାଗର ମଣ୍ଡଳ ଓ ଅସିମ ସରକାର । ଏମାନେ ଅନ୍ୟ ୮ଜଣଙ୍କ ସହ ଶୋଇଥିବାବେଳେ ଏହି ଘଟଣା ଘଟିଥିଲା । ଅଗ୍ନିଶମ କର୍ମଚାରୀ ଓ ପୋଲିସ ପହଞ୍ଚି ହାଇୱାକୁ କ୍ରେନ ସାହାଯ୍ୟରେ ଉଠାଇ ମୃତଦେହ ବାହାର କରିଥିଲେ । ଟାଉନ ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରିଛି । ଏହି ଦୁର୍ଘଟଣା ପରେ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛି ।

## ଯୋଗ ସାଧନା କେନ୍ଦ୍ରର ବାର୍ଷିକ ଉତ୍ସବ


ବାର୍ଷିକ ଉତ୍ସବ ଅବସରରେ ଯୋଗ ଦେଇଥିବା ଅତିଥି ।

**ଭୁବନେଶ୍ୱର, ୧୭ (ବ୍ୟୁରୋ)**

ଭାରତୀୟ ଯୋଗ ସଂସ୍ଥାନ ନୂଆଦିଲ୍ଲୀ ପକ୍ଷରୁ ପରିଚାଳିତ ନିଃଶୁଳ୍କ ଯୋଗ ସାଧନା କେନ୍ଦ୍ରର ପଞ୍ଚଦଶ ବାର୍ଷିକ ଉତ୍ସବ ବିଜୁ ପଟ୍ଟନାୟକ ପାର୍କଠାରେ ଅନୁଷ୍ଠିତ ହୋଇଯାଇଛି । ଶିକ୍ଷାବିତ୍ ଡ. ହରପ୍ରସନ୍ନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିୟମିତ ଯୋଗାଭ୍ୟାସର ଉପକାରିତା ବିଷୟରେ ବ୍ୟାଖ୍ୟା କରିଥିଲେ । ସମ୍ମାନିତ ଅତିଥି ଭାବେ ଭାରତୀୟ ଯୋଗ ସଂସ୍ଥାନ ଓଡ଼ିଶା ପ୍ରାନ୍ତ ମୁଖ୍ୟ ସୁରେଶ କୁମାର ମହାପାତ୍ର ଅଧ୍ୟକ୍ଷତା କରି ସଂସ୍ଥାନ ପକ୍ଷରୁ ନିଃଶୁଳ୍କ ଯୋଗଶିକ୍ଷା ତଥା ସମାଜସେବା ସମ୍ପର୍କରେ ସୂଚନା ଦେଇଥିଲେ । ବିଜୁ ପଟ୍ଟନାୟକ ଜିଲା ସଂଗଠନ ମନ୍ତ୍ରୀ ଗୋବିନ୍ଦ, କ୍ଷେତ୍ର ପ୍ରଧାନ ଡ. ପ୍ରଫୁଲ୍ଲ କୁମାର ତ୍ରିପାଠୀ, କ୍ଷେତ୍ରମନ୍ତ୍ରୀ ସବିତାଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ । କେନ୍ଦ୍ର ପ୍ରମୁଖ ରେବତୀ ବଲ୍ଲଭ ବାର୍ଷିକ ବିବରଣୀ ପାଠ, ଉପକେନ୍ଦ୍ର ପ୍ରମୁଖ କ୍ରିଷ୍ଣା ଅଗ୍ରୱାଲ ଓ ହରପ୍ରିୟା କାର୍ଯ୍ୟ ସମ୍ପାଦନ କରିଥିବାବେଳେ ଗାୟତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ । ଶେଷରେ ସାମୂହିକ ପ୍ରାର୍ଥନା ଓ ଶାନ୍ତିପାଠ ସମ୍ପାଦିତ ହୋଇଥିଲା । ଗୌରାଙ୍ଗ ଚରଣ ମହାନ୍ତି ଉତ୍ସବ ପରିଚାଳନା କରିଥିଲେ ।

**ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ, ୫ ଆହତ**

ଯାଁଳା,(ଡି.ଏନ୍.ଏ.): ଇନ୍‌ଫୋସିଟି ଥାନା ଅନ୍ତର୍ଗତ ଯାଁଳା ପଞ୍ଚାୟତର ଓଗାଳପଡା ଗ୍ରାମରେ ଜାଗା ବଣ୍ଟନକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଘଟିଛି। ଏଥିରେ ଉଭୟ ପରିବାରର ୫ଜଣ ଆହତ ହୋଇଛନ୍ତି। ସେମାନେ ହେଲେ ଭାଗୀରଥି ବେହେରା, ଉମେଶ ଚନ୍ଦ୍ର ବେହେରା, ପ୍ରକାଶ ଚନ୍ଦ୍ର ବେହେରା, ତ୍ରିନାଥ ବେହେରା ଓ ହିନ ବେହେରା। ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିବା ସହ ଆହତଙ୍କୁ ଚିକିତ୍ସା ପାଇଁ ସ୍ଥାନୀୟ ମେଡିକାଲକୁ ପଠାଇଥିଲା।



ନିରାକାରପୁର: ଠାକୁରଙ୍କୁ ପହଣ୍ଡିରେ ରଥକୁ ନିଆଯାଉଛି।



ବୋଲଗଡ ତୃତୀୟାଦେବଙ୍କ ରଥକୁ ଶ୍ରଦ୍ଧାଳୁମାନେ ଟାଣୁଛନ୍ତି।

# ଭକ୍ତିରେ ବିହ୍ୱଳ ଶ୍ରଦ୍ଧାଳୁ

ଖୋର୍ଦ୍ଧା ଅଫିସ,୧୭

ଦୁଇ ବର୍ଷ ପରେ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ହୋଇଥିଲା ମହାମିଳନ। ଶୁକ୍ରବାର ଖୋର୍ଦ୍ଧା ଜାଗୁଳିପାଟଣାସ୍ଥିତ ଶ୍ରୀଅନନ୍ତ ପୁରୁଷୋତ୍ତମ (ପୂର୍ଣ୍ଣବିଗ୍ରହ)ଙ୍କ ରଥଯାତ୍ରାରେ ୫୦ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଭକ୍ତଙ୍କ ଗହଣରେ ଗୁଣ୍ଡିଚା ମନ୍ଦିର ଅଭିମୁଖେ ବାହାରିଥିଲେ ଶ୍ରୀଜୀଉ। ଶ୍ରୀ ଅନନ୍ତପୁରୁଷୋତ୍ତମ(ଶ୍ରୀଜଗନ୍ନାଥ)ଙ୍କ ବଡଭାଇ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କୁ ସାଙ୍ଗରେ ଧରି ଗୋଟିଏ ରଥରେ ରଥାରୂଢ ହୋଇ ଭକ୍ତଙ୍କୁ ଦର୍ଶନ ଦେଇଥିଲେ। ଏହି ଦେବ ଦୁର୍ଲ୍ଲଭ ଦର୍ଶନ ଲାଗି ଜାଗୁଳିପାଟଣା ଲୋକାରଣ୍ୟ ହୋଇ ପଡ଼ିଥିଲା। ଘଣ୍ଟ, କାହାଳୀ, ମୃଦଙ୍ଗ, ହୁଳହୁଳି, ଜୟ ଜୟକାରରେ କମ୍ପିଥିଲା ପରିବେଶ। ସୃଷ୍ଟି ହୋଇଥିଲା ଏକ ଆଧାତ୍ମିକ ପରିବେଶ। ସନ୍ଧ୍ୟା ୬ଟା ସୁଦ୍ଧା ଠାକୁର ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲେ।

ଶୁକ୍ରବାର ଭୋର ୪ଟାରେ ଦ୍ୱାରଫିଟା, ୫ଟାରେ ମଙ୍ଗଳଆଳତି ପରେ ଅନ୍ୟାନ୍ୟ ନୀତି ପରେ ଠାକୁରଙ୍କ ବେଶଲାଗି ହୋଇଥିଲା। ପୂର୍ବାହ୍ନ ୯ଟାରେ ରଥ ପ୍ରତିଷ୍ଠା ହୋଇଥିଲା। ଅପରାହ୍ନ ସାଢେ ୧ଟାରେ ମହାପ୍ରଭୁଙ୍କ ଆଜ୍ଞାମାଳ ରଥରେ ବିଜେ ହୋଇଥିଲା। ୨ଟାରେ ପହଣ୍ଡି ଆରମ୍ଭ ହୋଇଥିଲା। ଧାଡି ପହଣ୍ଡିରେ ପ୍ରଥମେ ଶ୍ରୀସୁଦର୍ଶନ ଆସି ରଥରେ ବିଜେ କରିଥିଲେ। ପରେ ବଡଠାକୁର, ଦେବୀ ସୁଭଦ୍ରା ରଥାରୂଢ ହେବା ପରେ କାଳିଆ ଠାକୁରଙ୍କ ପହଣ୍ଡି ଆରମ୍ଭ ହୋଇଥିଲା। ରଥରେ ଠାକୁରଙ୍କୁ ରୁନ୍ଧାଯାଇ ନୀତି ବଢିଥିଲା। ଅପରାହ୍ନ ସାଢେ ୩ଟାରେ ଛେରାପହଁରା ନୀତି ଲାଗି ମନ୍ଦିର କମିଟି ପକ୍ଷରୁ ପୂର୍ବତନ ଭୁବନେଶ୍ୱର ଏମ୍‌ପି ପ୍ରସନ୍ନ ପାଟ୍ଟଶାଣୀଙ୍କୁ ନିମନ୍ତ୍ରଣ କରାଯାଇଥିଲା। ପାଟ୍ଟଶାଣୀ ମହାରାଜ ବେଶରେ ରଥରେ ପହଞ୍ଚି ଛେରାପହଁରା ନୀତି ସହ ମହାପ୍ରଭୁଙ୍କୁ ପୂଜାର୍ଚ୍ଚନା କରିଥିଲେ। ପରେ ସାରଥି ଏବଂ ଘୋଡା ଯୋଚାଯାଇ ଚାରମାଳ ଫିଟାଯାଇଥିଲା। ଅପରାହ୍ନ ୫ଟାରେ ରଥଟଣା ଆରମ୍ଭ ହୋଇଥିଲା। ଦୁଇବର୍ଷ ପରେ ରଥାରୂଢ ଠାକୁର ମାନଙ୍କ ଦର୍ଶନ କରି ଶ୍ରଦ୍ଧାଳୁମାନେ ଆନନ୍ଦିତ ହୋଇଥିଲେ। ଅନେକ ଭକ୍ତ ରଥରେ ଚଢି ମହାପ୍ରଭୁଙ୍କ ସ୍ନାନିଧ୍ୟ ଲାଭ କରିଥିଲେ। ରଥଯାତ୍ରାରେ ଆଇନଶୃଙ୍ଖଳା ଦୃଷ୍ଟିରୁ ଜିଲା ପୋଲିସ ପକ୍ଷରୁ ୨ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଥିଲା। ଅତିରିକ୍ତ ଏସପି ଏସ.କେ ମୁର୍ମୁ, ଡିଏସପି ସଞ୍ଜୟ ପଟ୍ଟନାୟକ, ଆଇଆଇସି ପ୍ରଜ୍ଞାପରମିତା କର, ଏସଆଇ ପି.ଏଲ ବେହେରାଙ୍କ ସମେତ ଏକାଧିକ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ। ମନ୍ଦିର ପରିଚାଳନା କମିଟି ସଦସ୍ୟ ମାନେ ରଥ ପରିଚାଳନା କରିଥିଲେ। ଗ୍ରାମ୍ୟ କମିଟି ପକ୍ଷରୁ ଏକାଧିକ ସ୍ୱେଚ୍ଛାସେବୀ ନିୟୋଜିତ ହୋଇଥିଲେ। ଜିଲା ସ୍କାଉଟ ଆଣ୍ଡ ଗାଇଡସ୍ ପକ୍ଷରୁ ଏକାଧିକ ଛାତ୍ରୀଛାତ୍ର ରଥ ଚାରିପଟକୁ କର୍ଡନ ସହ ସେବା ଯୋଗାଇଥିଲେ। ଜିଲା ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା କେନ୍ଦ୍ର କରାଯାଇଥିଲା। ରଥଯାତ୍ରାରେ ବିଭିନ୍ନ ଦୋକାନ ବଜାର ପସରା ମେଲିଥିଲା।



ରଥାରୂଢ଼ ଶ୍ରୀଅନନ୍ତ ପୁରୁଷୋତ୍ତମଦେବ।

**ଶ୍ରୀଅନନ୍ତ ପୁରୁଷୋତ୍ତମ (ପୂର୍ଣ୍ଣବିଗ୍ରହ)ଙ୍କ ରଥଯାତ୍ରା**

■ ୫୦ ହଜାରରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ

# ତୃତୀୟାଦେବଙ୍କ ରଥଯାତ୍ରା

ବୋଲଗଡ଼,୧୭(ଡି.ଏନ୍.ଏ.)

ବୋଲଗଡ ବ୍ଲକ ଅଞ୍ଚଳର ତୃତୀୟାଦେବ (ଜଗନ୍ନାଥ)ଙ୍କ ମନ୍ଦିର ସମ୍ମୁଖ ରଥଖଳାରୁ ଗୋଟିଏ ରଥରେ ତିନିଠାକୁର ବିଜେ କରି ଶ୍ରଦ୍ଧାଳୁଙ୍କ ଗହଣରେ ଶୋଭାଯାତ୍ରାରେ ଯାଇ ବସଷ୍ଟାଣ୍ଡ ବଜାରସ୍ଥିତ ଗୁଣ୍ଡିଚା ଘର (ନନ୍ଦିଘୋଷ ଭବନ)ନିକଟରେ ପହଞ୍ଚିଥିଲେ। ସମସ୍ତ ନୀତିକାନ୍ତି ସମ୍ପନ୍ନ ହେବା ପରେ ପୂର୍ବାହ୍ନ ୧୦ଟାରେ ଠାକୁରମାନଙ୍କୁ ଗୋଟିପହଣ୍ଡିରେ ରଥାରୂଢ କରାଯାଇଥିଲା। ଅପରାହ୍ନ ୨ଟାରେ ରଣପୁର ଚୈତନ୍ୟ ଦେବ ମଠର ମହନ୍ତ ଶ୍ରୀ ପର୍ଶୁରାମ ଦାସ ମହାରାଜ ଛେରାପହଁରା କରିବା ପରେ ଶ୍ରଦ୍ଧାଳୁମାନେ ରଥ ଟାଣିବା ଆରମ୍ଭ କରିଥିଲେ। ରଥର ସାରଥି ଭାବେ ଡାହୁକ କିଶୋର ଚନ୍ଦ୍ର ମହାପାତ୍ର ବିଭିନ୍ନ ବୋଲି ମାଧ୍ୟମରେ ଶ୍ରଦ୍ଧାଳୁଙ୍କୁ ରଥ ଆଗକୁ ଟାଣିନେବା ପାଇଁ ପ୍ରୋତ୍ସାହିତ କରିଥିଲେ। ପୂଜାପଣ୍ଡା ସୂର୍ଯ୍ୟମଣି ପରମଗୁରୁ, ବୈକୁଣ୍ଠ ମହାପାତ୍ର, ନିହାର ରଞ୍ଜନ ପରମଗୁରୁ ପ୍ରମୁଖ ସମସ୍ତ ନିତ ନିର୍ବାହ କରିଥିଲେ। ରଥଯାତ୍ରା ପରିଚାଳନା କମିଟିର ସଭାପତି କୃଷ୍ଣମୋହନ ପାଲଟାସିଂହ, ସମ୍ପାଦକ ରବୀନ୍ଦ୍ର ପରିଡା ପ୍ରମୁଖଙ୍କ ସମେତ ସଦସ୍ୟମାନେ କାର୍ଯ୍ୟ ତଦାରଖ କରିଥିଲେ। ଏହି ଅବସରରେ ପରିଚାଳନା କମିଟି ସଦସ୍ୟ ବିଶ୍ୱଜିତ ସ୍ୱାଇଁ ଶ୍ରଦ୍ଧାଳୁଙ୍କୁ ଖେଚୁଡି ଅନ୍ନ ଅର୍ପଣ କରିଥିଲେ।

# ଗଡ଼ଖୋର୍ଦ୍ଧା ଲୀଳାକ୍ଷେତ୍ର ଶ୍ରୀଜଗନ୍ନାଥଙ୍କ ବାର୍ଷିକୋତ୍ସବ

ଖୋର୍ଦ୍ଧା ଅଫିସ,୧୭

ଗଡ଼ଖୋର୍ଦ୍ଧା ଶ୍ରୀଜଗନ୍ନାଥ ଲୀଳାକ୍ଷେତ୍ରର ଅଷ୍ଟମ ବାର୍ଷିକୋତ୍ସବ ଓ ପ୍ରଥମ ରଥୋତ୍ସବ ସ୍ଥାନୀୟ କୁଞ୍ଜବିହାରୀ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ବିଧାୟକ ଜ୍ୟୋତିରୀନ୍ଦ୍ର ନାଥ ମିତ୍ର ମୁଖ୍ୟ ଅତିଥି, ଆଦର୍ଶ ବିଦ୍ୟାଳୟ(ଓଏଭି)ର ନିର୍ଦ୍ଦେଶକ ସଂଗ୍ରାମ କେଶରୀ ମହାପାତ୍ର ମୁଖ୍ୟ ବକ୍ତାଭାବେ ଯୋଗଦେଇ ଏହି ମନ୍ଦିରର ଐତିହ୍ୟ ଓ ଗୌରବ ସମ୍ପର୍କରେ କହିଥିଲ। ଏହି ଅବସରରେ ମହାପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଅଜିତ୍ ପଟ୍ଟନାୟକଙ୍କ ସଭାପତିତ୍ୱ କରିଥିଲେ। ସମ୍ପାଦକ ଗୋପାଳକୃଷ୍ଣ ଦାସ ଉତ୍ସବର ବିବରଣୀ ପାଠ କରି କହିଥିଲେ, ଖୋରଧା ରାଜ୍ୟ ପ୍ରତିଷ୍ଠାତା ଗଜପତି ରାମଚନ୍ଦ୍ର ଦେବ କୁଜଙ୍ଗ ଗଡ଼ରୁ ବ୍ରହ୍ମ ଅଣାଇ ଏଠାରେ ନୂତନ ବିଗ୍ରହ ନିର୍ମାଣ କରାଇଥିଲେ। ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ପଣ୍ଡିତ ଭଟ୍ଟ ବ୍ରାହ୍ମଣମାନଙ୍କୁ ନିମନ୍ତ୍ରଣ କରି ନବକଳେବରର ସମସ୍ତ ବିଧି ବିଧାନ ଅନୁଯାୟୀ ବନଯାଗ କରାଇଥିଲେ। ଆଠ ବର୍ଷ ଶୂନ୍ୟ ଥିବା ଶ୍ରୀମନ୍ଦିରରେ ମହାଆଡମ୍ବରରେ ଖ୍ରୀ.୧୫୭୫ ରେ ରତ୍ନ ସିଂହାସନରେ ସ୍ଥାପନ କରିଥିଲେ। ଏହି କାର୍ଯ୍ୟ ପାଇଁ ସମଗ୍ର ହିନ୍ଦୁ ସମାଜ ମଧ୍ୟରେ ଆନନ୍ଦ ଖେଳିଯାଇଥିଲା। ଭଟ୍ଟ ବ୍ରାହ୍ମଣମାନେ ଖୋରଧା ରାଜାଙ୍କୁ 'ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ' ଉପାଧି ଦେଇଥିଲେ। ଏହି ପ୍ରସଙ୍ଗ ମାଦଳା ପାଞ୍ଜି, ଚଇନି ଚକଡା, ଖୁରୁଧା ଇତିହାସ ଆଦି ଗ୍ରନ୍ଥରେ ଉଲ୍ଲେଖ ରହିଛି । ମନ୍ଦିର ପରିଚାଳକ ରମାକାନ୍ତ ପଟ୍ଟଯୋଶୀ, ଆଇନଜୀବୀ ରମେଶ ମହାନ୍ତି, ଗବେଷକ ଜାନକୀ ବଲ୍ଲଭ ପଟ୍ଟନାୟକ ପ୍ରମୁଖ ପରିଚାଳନା କରିଥିଲେ। ସ୍ଥାନୀୟ ଗଜପତି କ୍ଲବର ସଦସ୍ୟମାନେ ସହଯୋଗ କରିଥିଲେ।

# ଶ୍ରୀପତିତପାବନ ଦେବଙ୍କ ରଥଯାତ୍ରା ବନ୍ଦ

ନିରାକାରପୁର, ୧୭(ଡି.ଏନ୍.ଏ.)

**ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ**

ଖୋର୍ଦ୍ଧା ଜିଲା ଜଙ୍କିଆ ଥାନା ଅଧୀନ ଛଣଗିରି ପଞ୍ଚାୟତ ଅଞ୍ଚଳରେ ଥିବା ଶ୍ରୀପତିତପାବନ ଦେବଙ୍କ ରଥ ଯାତ୍ରା ୫୦ବର୍ଷରୁ ଊର୍ଦ୍ଧ୍ୱ ହେବ ହୋଇଆସୁଥିଲା। ଚଳିତ ବର୍ଷ ଏହି ରଥଯାତ୍ରାରେ ଛେରାପହଁରା କରୁଥିବା ଅଜୟ କୁମାର ମହାନ୍ତି ଅସୁସ୍ଥ ଥିବାରୁ ଭୁବନେଶ୍ୱରର ଏକ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଫଳରେ ଚଳିତ ବର୍ଷ ରଥ ଯାତ୍ରା ପରମ୍ପରା ବନ୍ଦ ରହିଥିବା ଜଣାପଡିଛି। ଏନେଇ ରଥ ଯାତ୍ରା ପରିଚାଳନା କମିଟିର ସଭାପତି ଅନନ୍ତ ବିଶ୍ୱାଳ କୁହନ୍ତି, ମେଡିକାଲରେ ଚିକିତ୍ସାଧୀନ ଥିବାରୁ ଅଜୟ ଛେରାପହଁରା କରିବାକୁ ମନାକରିଦେଇଥିଲେ। ଏନେଇ ପୁରୋହିତଙ୍କୁ ଜଣାଇଥିଲେ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ଏଠାରେ ରଥଯାତ୍ରା ନ ହେବାରୁ ସ୍ଥାନୀୟ ଶ୍ରଦ୍ଧାଳୁଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

# 'ସଚେତନ ହେଲେ ପରିବେଶ ସୁରକ୍ଷିତ ରହିବ'

ଖୋର୍ଦ୍ଧା ଅଫିସ,୧୭

ଜଙ୍ଗଲ କ୍ଷୟ ଯୋଗୁ ଜଳବାୟୁ ପରିବର୍ତ୍ତନ ସହ ଜୈବ ବିବିଧତା ନଷ୍ଟ ହେବାରେ ଲାଗିଛି। ଯେଉଁଭଳି ଭାବେ ଗଛକଟା ଚାଲିଛି, ଆଗାମୀ ଦିନରେ ପରିବେଶ ଉପରେ ଏହାର ପ୍ରଭାବ ପଡିବ। ପରିବେଶ ସୁରକ୍ଷା ଲାଗି ପ୍ରତ୍ୟେକ ବ୍ୟକ୍ତି ସଚେତନ ହେବା ଜରୁରୀ ବୋଲି ବନ ମହୋତ୍ସବ ସପ୍ତାହ ଅବସରରେ ବିବେକାନନ୍ଦ ୟୁଥ କ୍ଲବ ପକ୍ଷରୁ ଚାରାଟିଏ ଲଗାଅ, ପରିବେଶ ବଞ୍ଚାଅ ଶୀର୍ଷକ ସଚେତନତା କାର୍ଯ୍ୟକ୍ରମ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ସଂଯୋଜନା କରି ଅନୁଷ୍ଠାନର ସମ୍ପାଦକ ପ୍ରଭାତ ପାଣିଗ୍ରାହୀ ପରିବେଶ ସୁରକ୍ଷା ଲାଗି ପ୍ରତ୍ୟେକ ବ୍ୟକ୍ତି ଜଣେ ସବୁଜ ସେନାନୀ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ। ନିଜ ବାରି, ବଗିଚା, ଫାର୍ମ ହାଉସରେ ତୁଳସୀ ବଣ, ଔଷଧୀୟ ଚାରା ଲଗାଇବା ପାଇଁ ପରାମର୍ଶ ଦେଇଥିଲେ। ଖବରଦାତା ରଞ୍ଜିତ କେ.ଏନ. ସାମନ୍ତରାୟ କହିଥିଲେ, ପରିବେଶ ସୁରକ୍ଷା କେବଳ ଜଙ୍ଗଲ ବିଭାଗର ନୁହଁ। ଜଣେ ସଚେତନ ନାଗରିକ ଭାବେ ପ୍ରତ୍ୟେକଙ୍କ ଏଥିପ୍ରତି ଦାୟିତ୍ୱ ରହିଛି। ପ୍ରତ୍ୟେକ ବ୍ୟକ୍ତି ବର୍ଷା ଦିନରେ ଚାରାରୋପଣ କରନ୍ତୁ। ଅନ୍ୟମାନଙ୍କ ମଧ୍ୟରେ ସାମାଜିକ କର୍ମୀ ଲଳିତ ମହାପାତ୍ର, ଗୋପାଳ କୃଷ୍ଣ ଦାସ, ଅଭିଜିତ ପଟ୍ଟନାୟକ, କ୍ଷିତିଶମୋହନ ଦାସ, ଶିବଚରଣ ସିଂ, ଓମ୍‌ପ୍ରକାଶ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

# ଘର ଉପରେ ମାଡ଼ିଗଲା ହାଇୱା



ଅସ୍ଥାୟୀ ଘର ଉପରେ ମାଡ଼ିଯାଇଥିବା ଟ୍ରକ୍।



ଅଗ୍ନିଶମ କର୍ମଚାରୀମାନେ ଗାଡ଼ିତଳୁ ମୃତକଙ୍କୁ ବାହାର କରୁଛନ୍ତି।

ଖୋର୍ଦ୍ଧା ଅଫିସ,୧୭

**୨ ଶ୍ରମିକ ମୃତ, ୨ ଆହତ**

୧୬ନମ୍ବର ଜାତୀୟ ରାଜପଥର ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଜାନକୀ ବଲ୍ଲଭ ପାର୍କ ନିକଟରେ ଶୁକ୍ରବାର ଭୋରରୁ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବାଲି ବୋଝେଇ ହାଇୱା ଭାରସାମ୍ୟ ହରାଇ ଏକ ଠିକା ସଂସ୍ଥାର ଅସ୍ଥାୟୀ କ୍ୟାମ୍ପ(ଟିଣ ଗୃହ) ଉପରେ ମାଡ଼ିଯାଇଥିଲା। ଫଳରେ ଗୃହ ଭିତରେ ଶୋଇଥିବା ୨ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ପଶ୍ଚିମବଙ୍ଗ ବେଲରୁଘାଟର ବାଦଲ ପାହାଣ(୨୦) ଏବଂ କନକ ପାହାଣ (୨୦)। ଆହତଦ୍ୱୟ ହେଲେ ପଶ୍ଚିମବଙ୍ଗ ମସିହାନୋଟାର ସାଗର ମଣ୍ଡଳ ଓ ଅସିମ ସରକାର। ଚିକିତ୍ସା ପରେ ଏମାନେ ଘରକୁ ଫେରିଛନ୍ତି।

ସୂଚନା ମୁତାବକ, ଭୁବନେଶ୍ୱର-ଚେନ୍ନାଇ ୧୬ନଂ. ଜାତୀୟ ରାଜପଥ ସମ୍ପ୍ରସାରଣ କରାଯାଉଥିବା ବେଳେ ଜିଲାପାଳଙ୍କ କାର୍ଯ୍ୟାଳୟ ନିକଟରେ ଓଭରବ୍ରିଜ ନିର୍ମାଣ ଚାଲିଛି। ବେଲୁରଘାଟ ଅଞ୍ଚଳର ୧୨ଜଣ ଶ୍ରମିକ ଠିକାଦାରଙ୍କ ସହ ଏଠାରେ କାମ କରିବାକୁ ଆସିଥିଲେ। ଏହି ବ୍ରିଜ ତଳେ ସେମାନେ ରହିବା ପାଇଁ ଅସ୍ଥାୟୀ ଟିଣ ଗୃହ ନିର୍ମାଣ କରାଯାଇଥିଲା। ଶୁକ୍ରବାର ଭୋରରୁ ଏକ ବାଲି ବୋଝେଇ ହାଇୱା (ଓଆର୦୨-ଏ-୭୩୪୮) ଖୋର୍ଦ୍ଧା ଅଭିମୁଖେ ଯାଉଥିଲା। ପାର୍କ ନିକଟରେ ଡ୍ରାଇଭର ଭାରସାମ୍ୟ ହରାଇବାରୁ ଏହି ଅସ୍ଥାୟୀ ଗୃହ ଉପରକୁ ହାଇୱା ମାଡ଼ିଯାଇଥିଲା। ଫଳରେ ଗୃହ ଭିତରେ ଶୋଇଥିବା ବାଦଲ ଓ କନକଙ୍କ ମୁଣ୍ଡ ଚକା ତଳେ ଚାପି ହୋଇଯାଇଥିଲା। ଅନ୍ୟ ଦୁଇଜଣ ଆହତ ହୋଇଥିଲେ। ଖବରପାଇ ଅଗ୍ନିଶମ କର୍ମଚାରୀ ଓ ପୋଲିସ ପହଞ୍ଚି ହାଇୱାକୁ କ୍ରେନ ସାହାଯ୍ୟରେ ଉଠାଇ ମୃତଦେହ ବାହାର କରିଥିଲେ। ଟାଉନ ପୋଲିସ ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପରେ ସମ୍ପର୍କୀୟଙ୍କୁ ହସ୍ତାନ୍ତର କରିଛି। ଏହି ଦୁର୍ଘଟଣା ପରେ ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଛି। ଅନ୍ୟପକ୍ଷରେ ଏନେଇ ସାମାଜିକ କର୍ମୀ ଧନେଶ୍ୱର ବିଧାର କୁହନ୍ତି, ଏଠାରେ ଓଭରବ୍ରିଜ ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲିଛି। ଶ୍ରମିକଙ୍କ ସୁରକ୍ଷା ଦୃଷ୍ଟିରୁ ସୁରକ୍ଷିତ ସ୍ଥାନରେ ଅସ୍ଥାୟୀ ଗୃହ ନିର୍ମାଣ କରାଯାଇପାରିଥାନ୍ତା। ଏହା ନ କରାଯାଇ ବିପଦସଙ୍କୁଳ ଅବସ୍ଥାରେ ରହୁଥିଲେ ଠିକା ଶ୍ରମିକ। ଫଳରେ ଏହି ଅଘଟଣ ଘଟିଲା ବୋଲି ସେ କହିଛନ୍ତି।

# ରଥ ଟାଣିଲେ ଶ୍ରଦ୍ଧାଳୁ

ନିରାକାରପୁର/ଟାଙ୍ଗୀ/ଜଟଣୀ, ୧୭(ଡି.ଏନ୍.ଏ.)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଭୁଷଣ୍ଡପୁରରେ ଦାରୁବ୍ରହ୍ମଙ୍କ ରଥଯାତ୍ରା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଦାରୁବ୍ରହ୍ମ ରଥଯାତ୍ରା କମିଟି ପକ୍ଷରୁ ଆୟୋଜିତ ଏହି ରଥଯାତ୍ରାରେ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଦାରୁବ୍ରହ୍ମ, ବିଜେମଠପାଟଣାଙ୍କ ଅଷ୍ଟମ ବାର୍ଷିକ ଘୋଷଯାତ୍ରାରେ ଦାରୁବ୍ରହ୍ମଙ୍କୁ ପହଣ୍ଡିରେ ରଥାରୂଢ କରାଯିବା ପରେ ପାରିକୁଦ ରାଜା ମର୍ଦ୍ଦରାଜ ଭ୍ରମରବର ରାୟ ଛେରାପହଁରା କରିଥିଲେ। ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ହୋଇ ମାଉସୀ ମା' ମନ୍ଦିର ଠାରେ ପହଞ୍ଚିଥିଲା। ଶାନ୍ତିଶୃଙ୍ଖଳା ପାଇଁ ସ୍ଥାନୀୟ ପୋଲିସ ସହଯୋଗ କରିଥିବାବେଳେ ପଞ୍ଚାୟତର ଜନପ୍ରତିନିଧି ଓ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଥିଲେ। ସେହିପରି ଜଟଣୀ ପୌରାଞ୍ଚଳ ଅଧୀନ ବାଛରାପାଟଣା, କୁଦିଆରୀ ଏବଂ ବ୍ଲକ ଅଧୀନ ଛଣଘର କୁସୁମାଟି, ବେଣାପାଞ୍ଜରୀ ଗ୍ରାମରେ ମହାପ୍ରଭୁଙ୍କ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ବେଣାପଞ୍ଜରୀ ଗାଁର ପୂଜାରୀ ଭାଗବତ କମିଟି ପକ୍ଷରୁ ରଥ ଟଣା ହୋଇଥିଲା। ବିଶ୍ୱରଞ୍ଜନ ପ୍ରଧାନ, ମାନସ ବେହେରା, ଜନ୍ମେଶ୍ୱର ବେହେରା, ଆଦିତ୍ୟ ବେହେରା ପରିଚାଳନା କରିଥିଲେ।

**ସେଲ୍ଫି କର୍ଣ୍ଣର ଧରିତ୍ରୀ**

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

metroselfie@gmail.com



@ ମୃତ୍ୟୁଞ୍ଜୟ



@ ବିଭାସ



@ କାହ୍ନୁଚରଣ



@ ପ୍ରଦୀପ୍ତ



@ ଚନ୍ଦ୍ରମଣି



@ ସ୍ୱସ୍ତିକ

# ରେଳ ସୁରକ୍ଷା ବଳ ପକ୍ଷରୁ ବାଇକ୍ ଶୋଭାଯାତ୍ରା

ଜଟଣୀ,୧୭(ଡି.ଏନ୍.ଏ.)

କେନ୍ଦ୍ର ସରକାରଙ୍କ ରେଳ ମନ୍ତ୍ରଣାଳୟ ନିର୍ଦ୍ଦେଶକ୍ରମେ ଦେଶର ସମସ୍ତ ରେଳ ଜୋନ ଏବଂ ମଣ୍ଡଳରେ ଥିବା ରେଳ ସୁରକ୍ଷାବଳ କାର୍ଯ୍ୟାଳୟ ପକ୍ଷରୁ ଅମୃତ ମହୋତ୍ସବ ପାଳନ କରାଯାଉଛି। ଏହି ପରିପ୍ରେକ୍ଷୀରେ ଶୁକ୍ରବାର ଖୋର୍ଦ୍ଧାରୋଡ୍ ରେଳମଣ୍ଡଳର ରେଳ ସୁରକ୍ଷାବଳ ପକ୍ଷରୁ ପୂଜ୍ୟପୂଜା ଓ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ରେଳ ସୁରକ୍ଷାବଳ କାର୍ଯ୍ୟାଳୟ ଆଗରେ ଆୟୋଜିତ କାର୍ଯ୍ୟକ୍ରମରେ ମଣ୍ଡଳ ରେଳ ସୁରକ୍ଷାବଳ କମିଶନର ଏମ.ସାମ୍ବାଶିବ ରାଓ ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଶୁଭାରମ୍ଭ କରିଥିଲେ। ଅତିଥିଭାବେ ସାମାଜିକକର୍ମୀ ସୀତାକାନ୍ତ ଶତପଥୀ, ଶକ୍ତିଧର ମହାପାତ୍ରଙ୍କ ସମେତ ଏମପିଙ୍କ ପ୍ରତିନିଧି ପଦ୍ମଚରଣ ପ୍ରଧାନ ପ୍ରମୁଖ ଯୋଗଦେଇଥିଲେ। ଏହି ଶୋଭାଯାତ୍ରାରେ ଅଂଶଗ୍ରହଣ କରିଥିବା ଯବାନମାନେ ଜଟଣୀ ସହର ଏବଂ ଏହାର ପାଖଆଖ ଅଞ୍ଚଳ ସହିତ ମଣ୍ଡଳ ଅଧୀନରେ ରହିଥିବା ୩୫ଟି ରେଳ ଷ୍ଟେଶନ ଭ୍ରମଣକରି ବିଭିନ୍ନ ସଚେତନତା ବାର୍ତ୍ତା ଦେଇ ଆସନ୍ତା୧୪ତାରିଖରେ ଭୁବନେଶ୍ୱର ଜୋନାଲ କାର୍ଯ୍ୟାଳୟରେ ପହଞ୍ଚିବା ସହିତ ୧୪ ତାରିଖରୁ ହାଇଦ୍ରାବାଦ ଏବଂ ପରେ ଅଗଷ୍ଟ ୧ରୁ ଦିଲ୍ଲୀ ଅଭିମୁଖେ ବାହାରିବେ। ରେଳ ସୁରକ୍ଷାବଳ ଆସିଷ୍ଟାଣ୍ଟ ସୁରକ୍ଷା କମିଶନର ସରୋଜ କୁମାର ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏସଆଇ ବିଦ୍ୟାଧର ସୁତାର, ଏ. କେ. କରିମ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ବହୁ ରେଳ ସୁରକ୍ଷା କର୍ମୀ ଯୋଗଦେଇଥିଲେ।



ଅମୃତ ମହୋତ୍ସବ ପାଳନ ପରିପ୍ରେକ୍ଷୀରେ ଶୁକ୍ରବାର ଖୋର୍ଦ୍ଧାରୋଡ୍ ରେଳ ସୁରକ୍ଷା ବଳ ପକ୍ଷରୁ ବାହାରିଥିବା ବାଇକ୍ ଶୋଭାଯାତ୍ରା।

## ବୁଦ୍ଧଜୟନ୍ତୀପୁର ଗ୍ରାମରୁ କୁଟୁରା ଉଦ୍ଧାର

ତିଗିରିଆ,(ଡି.ଏନ.ଏ.): ତିଗିରିଆ ଥାନା ଜେମାଦେଇପୁର ପଞ୍ଚାୟତ ବୁଦ୍ଧଜୟନ୍ତୀପୁର ଗ୍ରାମରୁ ଶୁକ୍ରବାର ସକାଳେ ଏକ କୁଟୁରାକୁ ବନ ବିଭାଗ କର୍ମଚାରୀ ଉଦ୍ଧାର କରିଛନ୍ତି। କୁଟୁରାକୁ ବୁଲା କୁକୁର ଗୋଡ଼ାଇବାରୁ ସେ ଗ୍ରାମର ଅନ୍ତର୍ଯ୍ୟାମୀ ବର୍ଦ୍ଧନଙ୍କ ବାଡ଼ି ପଟେ ଥିବା ପାଇଖାନାରେ ପଶି ଯାଇଥିଲା। ପରେ ଗାଁ ଲୋକେ କୁଟୁରାକୁ ଉଦ୍ଧାର କରି କୋଠଘରେ ରଖିବା ସହ ତିଗିରିଆ ବନପାଳ ରାକେଶ କୁମାର ପ୍ରଧାନଙ୍କୁ ଖବର ଦେଇଥିଲେ। ବନପାଳ ତାକୁ ତିଗିରିଆ କାର୍ଯ୍ୟାଳୟରେ ରଖିଥିଲେ। ପରେ କୁଟୁରା ସୁସ୍ଥ ହେବାରୁ ତିଗିରିଆ ବନାଞ୍ଚଳର କୁଞ୍ଜଳ ଜଙ୍ଗଲରେ ଛଡ଼ାଯାଇଛି।



କଟକ ଦୋଳମୁଣ୍ଡାଇଠାରେ ଦେବୀ ସୁଭଦ୍ରାଙ୍କ ରଥକୁ ମହିଳାମାନେ ଟାଣୁଛନ୍ତି।



ରାଣୀହାଟଠାରେ ରଥ ନିକଟରେ ଶ୍ରଦ୍ଧାଳୁଙ୍କ ଗହଳି।

# ଗୁଣ୍ଡିଚା ମନ୍ଦିରରେ ତିନି ଠାକୁର

**କଟକ ଅଫିସ/ଚୌଦ୍ୱାର/ଖୁଣ୍ଟୁଣୀ,୧୭(ଡି.ଏନ୍.ଏ.)**

ଲୀଳା ଦେଖାଇବାକୁ ଭକ୍ତଙ୍କ ଗହଣକୁ ଓହ୍ଲାଇଥିଲେ ଭଗବାନ। ସୃଷ୍ଟି ହୋଇଥିଲା ଆଧ୍ୟାତ୍ମିକ ପରିବେଶ। ଏକାଠି ହୋଇଥିଲେ ଭକ୍ତ ଓ ଭଗବାନ। ମାଉସୀ ମା’ ହାତରୁ ପୋଡପିଠା ଖାଇବାକୁ ଗୁଣ୍ଡିଚା ମନ୍ଦିର ଅଭିମୁଖେ ବାହାରିଥିଲେ ତିନି ଠାକୁର। କେଉଁଠି ଗୋଟିଏ ରଥରେ ତିନି ଠାକୁର ତ ଆଉ କେଉଁଠି ଅଲଗା ଅଲଗା ରଥରେ ଯାଇଥିଲେ ଭଉଣୀଭାଇ। ହୁଳହୁଳି, ଶଙ୍ଖଧ୍ୱନୀ ଓ ଘଣ୍ଟବାଦ୍ୟରେ ଶୁକ୍ରବାର ପ୍ରକମ୍ପିତ ହୋଇଥିଲା କଟକ ସହର। ତେବେ ସହରର ୩ଟି ପ୍ରମୁଖ ସ୍ଥାନ ଚାନ୍ଦିନୀଚୌକ, ଦୋଳମୁଣ୍ଡାଇ ଓ ରାଣୀହାଟଠାରେ ଠାକୁରଙ୍କ ପୂଜାନୀତି ସରିବା ପରେ ଠାକୁରଙ୍କୁ ରଥାରୂଢ଼ କରାଯାଇଥିଲା। ଛେରାପହଁରା ପରେ ଭକ୍ତମାନେ ରଥ ଟାଣିଥିଲେ। କରୋନା ମହାମାରୀ ଯୋଗୁ ୨ ବର୍ଷ ଧରି ବନ୍ଦ ରହିଥିବା ରଥଯାତ୍ରା ଚଳିତବର୍ଷ ହୋଇଥିବାରୁ ବହୁ ଜନସମାଗମ ହୋଇଥିଲା। ଭକ୍ତଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ପୋଲିସ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା।

ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିରରେ ବିଭିନ୍ନ ନୀତି ପରେ ଠାକୁରଙ୍କୁ ରଥାରୂଢ଼ କରାଯାଇଥିଲା। ଅପରାହ୍ନ ସାଢେ ୨ଟାରେ ରଥଟଣା ଆରମ୍ଭ ହୋଇଥିଲା। ଭକ୍ତମାନେ ରଥକୁ ଟାଣି ନେଇ କାଫଲାବଜାରସ୍ଥିତ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲେ। ଚାନ୍ଦିନୀଚୌକ ରଥଯାତ୍ରା ପୂଜା କମିଟି ପକ୍ଷରୁ ଆୟୋଜିତ ଉତ୍ସବରେ ପୋଲିସ କମିଶନର ସୌମେନ୍ଦ୍ର ପ୍ରିୟଦର୍ଶୀ, ଜିଲାପାଳ ଭବାନୀ ଶଙ୍କର ଚୟନୀ, କଟକ ଡିସିପି ପିନାକ ମିଶ୍ରଙ୍କ ସମେତ ଅନ୍ୟମାନେ ଯୋଗଦେଇ ଠାକୁରଙ୍କ ଦର୍ଶନ କରିଥିଲେ। ଚାନ୍ଦିନୀଚୌକ ରଥଯାତ୍ରା ପୂଜା କମିଟିର କାର୍ଯ୍ୟକାରୀ ସଭାପତି ଭିକାରି ଦାସ, ଦେବେନ୍ଦ୍ର ସାହୁ ଓ ଚାନ୍ଦିନୀଚୌକ ଜଗନ୍ନାଥ ମନ୍ଦିର ପରିଚାଳନା ସମିତିର କର୍ମକର୍ତ୍ତାମାନେ ପ୍ରଶାସନିକ ଅଧିକାରୀମାନଙ୍କୁ ସମ୍ମାନିତ କରିଥିଲେ।

ଦୋଳମୁଣ୍ଡାଇ ଜଗନ୍ନାଥ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ଠାକୁରଙ୍କୁ ରଥାରୂଢ଼ କରାଯିବା ପରେ ଅପରାହ୍ନ ସାଢେ ୪ଟାରେ ରଥଟଣା ଆରମ୍ଭ ହୋଇଥିଲା। ଭକ୍ତମାନେ ରଥ ଟାଣି ନେଇ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲେ। ଏଥିରେ ସିଏମ୍‌ସି ମେୟର ସୁବାସ ସିଂ, ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ, ଦୋଳମୁଣ୍ଡାଇ ରଥଯାତ୍ରା ପୂଜା କମିଟି ସମ୍ପାଦକ ଲିଙ୍ଗରାଜ ହାତୀ, ପୂର୍ବତନ କର୍ପୋରେଟର ରଞ୍ଜନ ବିଶ୍ୱାଳ ପ୍ରମୁଖ ସାମିଲ ହୋଇଥିଲେ।

ରାଣୀହାଟସ୍ଥିତ ବଳଦେବଜୀଉ ମନ୍ଦିରରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ଜିଲାପାଳ ଭବାନୀ ଶଙ୍କର ଚୟନୀ ଛେରାପହଁରା କରିବା ପରେ ଅପରାହ୍ନ ପ୍ରାୟ ୪ଟା ୪୫ ମିନିଟ୍‌ରେ ରଥଟଣା ଆରମ୍ଭ ହୋଇଥିଲା। ଏଥିରେ ଜିଲାପାଳଙ୍କ ସ୍ତ୍ରୀ ଲିନୁ ଚୟନୀ ଯୋଗଦେଇ ଠାକୁରଙ୍କୁ ଦର୍ଶନ କରିଥିଲେ। ଏହି ଅବସରରେ ଜିଲା ପ୍ରଶାସନ ପକ୍ଷରୁ ସ୍ୱାସ୍ଥ୍ୟସେବା, ପାନୀୟ ଜଳ ଯୋଗାଣ ଭଳି ଅତ୍ୟାବଶ୍ୟକ ସେବା ଭକ୍ତମାନଙ୍କୁ ଯୋଗାଇ ଦିଆଯାଇଥିଲା। ଜିଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ହରିପୁର-ଦୋଳମୁଣ୍ଡାଇ ଠାରେ ସୂଚନାକେନ୍ଦ୍ର ଖୋଲାଯିବା ସହ ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ପ୍ରକାଶିତ ରଥଯାତ୍ରା ବିଶେଷାଙ୍କ ଉତ୍କଳ ପ୍ରସଙ୍ଗ ଏବଂ ଜଗନ୍ନାଥ ଜଣାଣ ସୂଚନା କେନ୍ଦ୍ର ଓ ବିଭିନ୍ନ ସ୍ଥାନରେ ବିକ୍ରି କରାଯାଇଥିଲା।



ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ କୋଟସାହି ପଞ୍ଚାୟତ କଏରାପାରି ଗ୍ରାମରେ ରଥଯାତ୍ରା।

ଚୌଦ୍ୱାର ଓ ଏହାର ଆଖପାଖ ଅଞ୍ଚଳର ବିଭିନ୍ନ ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚୌଦ୍ୱାର ଚାରବାଟିଆ ହାଉସିଂବୋର୍ଡସ୍ଥିତ ଜଗନ୍ନାଥ ମନ୍ଦିରରୁ ତିନି ଠାକୁରଙ୍କୁ ପହଣ୍ଡିରେ ଆଣି ରଥାରୂଢ଼ କରାଯାଇଥିଲା। ଠାକୁରରଜା ଭାବେ ସନ୍ତୋଷ କୁମାର ଧର ଛେରାପହଁରା କରିବା ପରେ ରଥଟଣା ହୋଇଥିଲା। ସେହିପରି ଚୌଦ୍ୱାର ମଙ୍ଗଳା ସାହିସ୍ଥିତ ଜଗନ୍ନାଥ ମନ୍ଦିର, ଟାଙ୍ଗୀ-ଚୌଦ୍ୱାର ବ୍ଲକ୍ କୋଟସାହି ପଞ୍ଚାୟତ କଏରାପାରି ଗ୍ରାମ, କପାଳେଶ୍ୱର, ଓଟିଏମ୍ କଲୋନୀ, ବିଲ୍ଟୁ ବଜାର, ନବଗ୍ରହସାହି, ଗୋଡିପାଟଣା ଓ ବେଉରା ସାହିରେ ରଥଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ମାଉସୀ ମା’ ମନ୍ଦିରଗୁଡିକରେ ସନ୍ଧ୍ୟାରେ ଭଜନ ସମାରୋହ ଅନୁଷ୍ଠିତ ହୋଇଥିଲା।

ଖୁଣ୍ଟୁଣୀରେ ରଥଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚତୁର୍ଦ୍ଧା ମୂର୍ତ୍ତିଙ୍କୁ ପହଣ୍ଡିରେ ଆଣି ରଥାରୁଢ କରାଯିବା ପରେ ବିଜୟ କୁମାର ଦାଶ ଛେରାପହଁରା କରିଥିଲେ। ଅପରାହ୍ନ ୫ଟାରେ ଭକ୍ତମାନେ ରଥ ଟାଣି ନେଇ ସନ୍ଧ୍ୟା ପୂର୍ବରୁ ଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲେ। ପ୍ରବକ୍ତା ବସନ୍ତ ମିଶ୍ର, ସଚ୍ଚିଦାନନ୍ଦ ପଣ୍ଡା, ବିପିନ ବିହାରୀ ପ୍ରଧାନ, କାଳନ୍ଦୀ ଚରଣ ମହାରଣା, ରବୀନ୍ଦ୍ର ସାହୁ, ବିକାଶ ସାହୁ, ପଦ୍ମିନୀ ସାମଲ ରଥଯାତ୍ରାର ଧାରାବିବରଣୀ ପ୍ରଦାନ କରିଥିଲେ। ଭିଡ଼ ନିୟନ୍ତ୍ରଣ ଓ ଶାନ୍ତିଶୃଙ୍ଖଳା ରକ୍ଷା କରିବା ପାଇଁ ଖୁଣ୍ଟୁଣୀ ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଥିଲା। ଆୟୋଜକ ଜଗନ୍ନାଥ ଯୁବ ପରିଷଦର ସମସ୍ତ କାର୍ଯ୍ୟକର୍ତ୍ତା ଓ ସଦସ୍ୟ ରଥଯାତ୍ରା ପରିଚାଳନା କରିଥିଲେ।









ବାଙ୍କୀ ଚର୍ଚ୍ଚିକାଙ୍କ ପୀଠ, ତିଗିରିଆ ଶୁଣ୍ଡିପାଳସ୍ଥିତ ଦଧିବାମନ ଜୀଉଙ୍କ ସମେତ ସାଲେପୁର ଓ ମାହାଙ୍ଗାରେ ଆୟୋଜିତ ରଥଯାତ୍ରା।

## ଆଜି କ’ଣ କେଉଁଠି

କଟକ

- ଭାଗବତ ଗାଦିଙ୍କ ପ୍ରଥମ ବାର୍ଷିକ ଉତ୍ସବ, ଭାଗବତ ଗାଦି ବଡ଼ଦାଣ୍ଡ, ଧବଳେଶ୍ୱରଗଡ଼ା, ସକାଳ ୯ଟା ୧୫ ।
- ସିଏମ୍‌ସି ପକ୍ଷରୁ ବନ ମହୋତ୍ସବ, ରେଭେନ୍‌ଶା କଲିଜିଏଟ ସ୍କୁଲ ପରିସର, ପୂର୍ବାହ୍ନ ୧୧ଟା।
- ଏଇ ଆମ ସହର ପକ୍ଷରୁ ପ୍ରମାଣିକ ପୁସ୍ତକ ‘ଦାରୁଣ ଅନୁଭୂତି’ର ଲୋକାର୍ପଣ ଉତ୍ସବ, ପଣ୍ଡା ମେଡିକାଲ ସେଣ୍ଟର, କେଶରପୁର, ସନ୍ଧ୍ୟା ୬ଟା।

## ବନ ମହୋତ୍ସବ ପାଳିତ

**କଟକ ଅଫିସ/ବାଙ୍କୀ,୧୭(ସ୍ୱ.ପ୍ର.):** ବନ ମହୋତ୍ସବ ସପ୍ତାହ ପାଳନ ଅବସରରେ କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ ଶୁକ୍ରବାର ବେଲ୍‌ଭ୍ୟୁପାର୍କ ଠାରେ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜଷ୍ଟିସ ବି.କେ. ନାୟକ ମୁଖ୍ୟ ଅତିଥି ଭାବରେ ଯୋଗଦେଇ ଚାରାରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସିଏମ୍‌ସି ଡେପୁଟି ମେୟର ଦମୟନ୍ତି ମାଝୀ ଓ ଡେପୁଟି କମିଶନର ଅଜୟ ମହାନ୍ତି, ପଞ୍ଚାନନ ପାଲ ପ୍ରମୁଖ ଉପସ୍ଥିଥିଲେ। ଅଗ୍ରଣୀ ସାମାଜିକ ଅନୁଷ୍ଠାନ ଅସ୍ତିତ୍ୱ ପକ୍ଷରୁ ବାଙ୍କୀ ବଜାରରେ ବନ ମହୋତ୍ସବ ପାଳିତ ହୋଇଯାଇଛି। ଅସ୍ତିତ୍ୱର ସମ୍ପାଦକ ପ୍ରକୃତି ବନ୍ଧୁ ଗୋତମ ମିଶ୍ରଙ୍କ ତତ୍ତ୍ୱାବଧାନରେ ଚାରାରୋପଣ କରାଯାଇଥିଲା। ବାଙ୍କୀ ମେନ ରୋଡ୍ ପୂଜା କମିଟି ସଭାପତି ସମରେନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗ ଦେଇ ବୃକ୍ଷର ଆବଶ୍ୟକତା ସମ୍ପର୍କରେ କହିଥିଲେ। କାର୍ଯ୍ୟକ୍ରମରେ ପ୍ରହ୍ଲାଦ ପୃଷ୍ଟି, ନିବାସୀ ଓ ଅନ୍ୟ ବୁଦ୍ଧିଜୀବୀ ଯୋଗଦେଇ ଥିଲେ।

## ଟିଣ ଘରେ ମାଡ଼ିଗଲା ହାଇୱା: ୨ ଶ୍ରମିକ ମୃତ

**ଖୋର୍ଦ୍ଧା ଅଫିସ,୧୭:** ୧୬ନମ୍ବର ଜାତୀୟ ରାଜପଥର ଖୋର୍ଦ୍ଧା ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖ ଜାନକୀ ବଲ୍ଲଭ ପାର୍କ ନିକଟରେ ଶୁକ୍ରବାର ଭୋରରୁ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବାଲି ବୋଝେଇ ହାଇୱା ଭାରସାମ୍ୟ ହରାଇ ଏକ ଠିକା ସଂସ୍ଥାର ଅସ୍ଥାୟୀ କ୍ୟାମ୍ପ(ଟିଣ ଗୃହ) ଉପରେ ମାଡ଼ିଯାଇଥିଲା। ଫଳରେ ଗୃହ ଭିତରେ ଶୋଇଥିବା ୨ଜଣ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇ ଜଣ ଆହତ ହୋଇଛନ୍ତି। ମୃତକ ହେଲେ ପଶ୍ଚିମବଙ୍ଗ ବେଲରୁଘାଟର ବାଦଲ ପାହାଣ(୨୦) ଏବଂ କନକ ପାହାଣ (୨୦)। ଆହତଦ୍ୱୟ ହେଲେ ପଶ୍ଚିମବଙ୍ଗ ମସିହାନୋଟାର ସାଗର ମଣ୍ଡଳ ଓ ଅସିମ ସରକାର।

## ୧୫ ମହିଳା ଡାକ୍ତର ସମ୍ମାନିତ





ଆଇଏମ୍ଏ ପକ୍ଷରୁ ଡକ୍ଟର୍ସ ଦିବସ

କାର୍ଯ୍ୟକ୍ରମରେ ଅତିଥିମାନେ ପୁସ୍ତକ ‘କୋଭିଡ-୧୯’ ଉନ୍ମୋଚନ କରୁଛନ୍ତି।

**କଟକ ଅଫିସ, ୧୭**

ଇଣ୍ଡିଆନ୍ ମେଡିକାଲ ଆସୋସିଏଶନ (ଆଇଏମ୍ଏ) କଟକ ଶାଖା ଓ ରାଜ୍ୟ ଶାଖାର ମିଳିତ ଆନୁକୂଲ୍ୟରେ ଡକ୍ଟର୍ସ ଦିବସ ମେଡିକାଲ ରୋଡସ୍ଥିତ ଆଇଏମ୍ଏର ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟରେ ଶୁକ୍ରବାର ପାଳିତ ହୋଇଯାଇଛି। ଏଥିରେ ସିଏମ୍‌ସି ମେୟର ସୁବାସ ସିଂ, ଡିସିପି ପିନାକ ମିଶ୍ର ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଆଇଏମ୍ଏ ପରିସରରେ ଚାରାରୋପଣ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଆଇଏମ୍ଏର ସମ୍ପାଦକ ଡା. ସମ୍ରାଟ କରଙ୍କ ନେତୃତ୍ୱରେ ଏକ କୁଇଜ୍ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହାପରେ ଡାକ୍ତର ଏବଂ ସମାଜ ଶୀର୍ଷକ ଉପରେ ପ୍ରଫେସର ଜୟନ୍ତ ପଣ୍ଡା ବକ୍ତବ୍ୟ ଦେଇଥିଲେ। ଏହି ଅବସରରେ ପ୍ରଥମ ଥର ପାଇଁ ଆଇଏମ୍ଏ ପକ୍ଷରୁ ସମାଜରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୧୫ ଜଣ ମହିଳା ଡାକ୍ତରଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ମାନିତ ହୋଇଥିବା ମହିଳା ଡାକ୍ତରଙ୍କ ମଧ୍ୟରେ ପ୍ରଫେସର ନିବେଦିତା ପାଣି, ପଦ୍ମାଳୟା ଦେବୀ, ରେଖା ଦାସ, ପ୍ରଫେସର ଲୁସି ଦାସ, ମାୟା ପାଢୀ, ସୁଜାତା ମିଶ୍ର, ସୁଭବ୍ରତା ପରିଡ଼ା, ଚିନ୍ମୟୀ ମହାପାତ୍ର, ପ୍ରତିଭା ପଣ୍ଡା, ସବିତା ମହାପାତ୍ର, ଜୟଶ୍ରୀ ଦୋରା, ପ୍ରଫେସର ସଂଘମିତ୍ରା ପତି, ଡା. ସଂଯୁକ୍ତା ସାହୁ, ଡା. ଗୁନୁରାଣୀ ପଟ୍ଟନାୟକ, ଡା. ଉର୍ମିଳା ମିଶ୍ର ରହିଛନ୍ତି। ସେହିପରି ‘କୋଭିଡ-୧୯’ ପୁସ୍ତକ ଉନ୍ମୋଚିତ ହୋଇଥିଲା। ଆଇଏମ୍ଏ କଟକ ଶାଖାର ସଭାପତି ପ୍ରଫେସର ବନବିହାରୀ ମିଶ୍ର ସ୍ୱାଗତ ଭାଷଣ, ସମ୍ପାଦକ ଡା. ଶକ୍ତି ପ୍ରସାଦ ଦାସ ପ୍ରାରମ୍ଭିକ ସୂଚନା ଓ ଅନୁଷ୍ଠାନର ରାଜ୍ୟ ସଭାପତି ପ୍ରଫେସର ରଜତ କୁମାର ରାୟ ଉକ୍ତ ଦିନର ଗୁରୁତ୍ୱ ବିଷୟରେ କହିଥିଲେ। ଡା. ଜନ୍ମେଜୟ ମହାପାତ୍ର, ପ୍ରଫେସର ବ୍ରଜକିଶୋର ଦାଶ ଓ ଡା. ମୃତ୍ୟୁଞ୍ଜୟ ମହାପାତ୍ର ଉପସ୍ଥିତ ଥିଲେ। ଆଇଏମ୍ଏ ରାଜ୍ୟ ଯୁଗ୍ମ ସମ୍ପାଦକ ଡା. ଦେବପ୍ରସାଦ ମହାନ୍ତି ଧନ୍ୟବାଦ ଦେଇଥିଲେ।

## ଯୌତୁକ ନିର୍ଯାତନା, ସ୍ୱାମୀ ଗିରଫ

**ଖୁଣ୍ଟୁଣୀ,୧୭(ଡି.ଏନ୍.ଏ.):** ମହିଳାଙ୍କୁ ଯୌତୁକ ନିର୍ଯାତନା ଅଭିଯୋଗରେ ଖୁଣ୍ଟୁଣୀ ପୋଲିସ ତାଙ୍କ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ଖୁଣ୍ଟୁଣୀ ଜେନେକା ସାହିର ତପନ ବେହେରା। ତପନ ବ୍ରହ୍ମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଦୁଇବର୍ଷ ତଳେ କାର୍ଯ୍ୟ କରୁଥିବାବେଳେ କେନ୍ଦୁଝରର ଅଞ୍ଚଳର ମହିଳା ସ୍ୱାସ୍ଥ୍ୟକର୍ମୀଙ୍କ ସହ ଫେସ୍‌ବୁକ୍‌ରେ ପରିଚୟ ହୋଇଥିଲା। ପରବର୍ତ୍ତୀ ସମୟରେ ସେ ତାଙ୍କୁ ପ୍ରେମ ବିବାହ କରିଥିଲେ। ମହିଳା ଜଣଙ୍କ ଶାଶୁଘରେ ୮ ମାସ ରହିବା ପରେ ଶାଶୁ, ଶ୍ୱଶୁର ଓ ସ୍ୱାମୀ ଯୌତୁକ ବାବଦକୁ ୧୦ ଲକ୍ଷ ଟଙ୍କା ଦାବି କରିଥିଲେ। ଟଙ୍କା ଦେଇ ନ ପାରିବାରୁ ଶାଶୁଘର ଲୋକେ ମହିଳାଙ୍କୁ ଘରୁ ତଡି ଦେଇଥିଲେ। ମହିଳା ଜଣଙ୍କ ବୋହୂର ମାନ୍ୟତା ଦାବିରେ ବୁଧବାର ଶାଶୁଘର ସମ୍ମୁଖରେ ଧାରଣା ଦେଇଥିଲେ। ଆନ୍ତର୍ଜାତିକ ମାନବାଧିକାର ପରିଷଦର ରାଜ୍ୟ ସଭାପତି ସସ୍ମିତା ଦାସ, ଉପସଭାପତି ପ୍ରଭୁ ପ୍ରସାଦ ମହାନ୍ତି ଓ କଟକ ଜିଲା କାର୍ଯ୍ୟକାରୀ ସଭାପତି କମଳେଶ୍ରୁ ପଟ୍ଟନାୟକ ହସ୍ତକ୍ଷେପ କରିବା ସହ ମହିଳାଙ୍କୁ ଧାରଣାରୁ ଉଠାଇ କଟକସ୍ଥିତ ସକ୍ଷୀ ଅନୁଷ୍ଠାନରେ ରଖିଥିଲେ। ଗୁରୁବାର ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ମିଳାମିଶା ପାଇଁ ଉଦ୍ୟମ କରାଯାଇଥିଲେ ମଧ୍ୟ ସମ୍ଭବ ହୋଇ ନ ଥିଲା। ଏ ନେଇ ସମ୍ପୃକ୍ତ ମହିଳା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ. ୧୪୨/୨୨) ରୁଜୁ କରି ତପନଙ୍କୁ ଗିରଫ କରିଥିଲା।

## ସେଲ୍ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ମୃତ୍ୟୁଞ୍ଜୟ



@ ବିଭାସ



@ କାହ୍ନୁଚରଣ



@ ପ୍ରଦୀପ୍ତ



@ ଚନ୍ଦ୍ରମଣି



@ ସ୍ୱସ୍ତିକ

## ‘ହେ ଭଗବାନ’ ପୁସ୍ତକ ଲୋକାର୍ପିତ

**ମାହାଙ୍ଗା,୧୭(ସ୍ୱ.ପ୍ର.)**

ମାହାଙ୍ଗା ବ୍ଲକ ମୂଳବସନ୍ତ ପଞ୍ଚାୟତ ଗୁଣୁପୁର ମା’ବରୁଣାଇ ପୀଠ ସଂସ୍କାରକ ବୈରାଗୀ ମିଶ୍ରଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ କବି ଉତ୍ତମ ଚରଣ ଜେନାଙ୍କ ଦ୍ୱାରା ରଚିତ ପୁସ୍ତକ ‘ହେ ଭଗବାନ’ ପୁସ୍ତକ ଲୋକାର୍ପିତ ହୋଇଯାଇଛି। ଏଥିରେ ଆମ ମାହାଙ୍ଗା ଅଧ୍ୟକ୍ଷ ଡ. ଅମରେନ୍ଦ୍ର ମହାନ୍ତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ଓ ଶିକ୍ଷାବିତ୍ ରମେଶ ଚନ୍ଦ୍ର ସାହୁ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥିଭାବେ ଶିକ୍ଷାବିତ ତ୍ରୈଲୋକ୍ୟ ବିହାରୀ ଦାସ ଯୋଗଦେଇ କବି ଜେନାଙ୍କ ସାହିତ୍ୟ ଓ ଜୀବନାଦର୍ଶ ଉପରେ ଆଲୋକପାତ କରିଥିଲେ। ଲେଖନୀର ଯାଦୁକରି ଯୋଗୁ ସେ ଉପରାଷ୍ଟ୍ରପତିଙ୍କଠାରୁ ପୁରସ୍କୃତ ହୋଇଥିଲେ। ତେଣୁ ଜେନା ମାହାଙ୍ଗାର ଗର୍ବ ବୋଲି ମୁଖ୍ୟଅତିଥି ଦାସ ମତପୋଷଣ କରିଥିଲେ। ମୁଖ୍ୟ ବକ୍ତାଭାବେ ସାମାଜିକ କର୍ମୀ ଉମେଶ ଚନ୍ଦ୍ର ସାହୁ, ସମ୍ମାନିତ ଅତିଥି କପିଳଚନ୍ଦ୍ର ରଣା, ଅଜୟ ରାଉତ, ଅନନ୍ତ ବାରିକ, ପୂର୍ବତନ ସରପଞ୍ଚ ଅଭିନ ଜେନା, ନିରଞ୍ଜନ ବେହେରା, କିଶୋର ସାହୁ, ବିବେକାନନ୍ଦ ସାହୁ ଓ କପିଳା ସେଠୀ ପ୍ରମୁଖ ଯୋଗଦେଇଥିଲେ।

## ଯୋଗ ସାଧନା କେନ୍ଦ୍ରର ବାର୍ଷିକ ଉତ୍ସବ





**ଭୁବନେଶ୍ୱର, ୧୭ (ବ୍ୟୁରୋ)**

ଭାରତୀୟ ଯୋଗ ସଂସ୍ଥାନ ନୂଆଦିଲ୍ଲୀ ପକ୍ଷରୁ ପରିଚାଳିତ ନିଃଶୁଳ୍କ ଯୋଗ ସାଧନା କେନ୍ଦ୍ରର ପଞ୍ଚଦଶ ବାର୍ଷିକ ଉତ୍ସବ ବିଜୁ ପଟ୍ଟନାୟକ ପାର୍କଠାରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ଡ. ହରପ୍ରସନ୍ନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ନିୟମିତ ଯୋଗାଭ୍ୟାସର ଉପକାରିତା ବିଷୟରେ ବ୍ୟାଖ୍ୟା କରିଥିଲେ। ସମ୍ମାନିତ ଅତିଥି ଭାବେ ଭାରତୀୟ ଯୋଗ ସଂସ୍ଥାନ ଓଡ଼ିଶା ପ୍ରାନ୍ତ ମୁଖ୍ୟ ସୁରେଶ କୁମାର ମହାପାତ୍ର ଅଧ୍ୟକ୍ଷତା କରି ସଂସ୍ଥାନ ପକ୍ଷରୁ ନିଃଶୁଳ୍କ ଯୋଗଶିକ୍ଷା ତଥା ସମାଜସେବା ସମ୍ପର୍କରେ ସୂଚନା ଦେଇଥିଲେ। ବିଜୁ ପଟ୍ଟନାୟକ ଜିଲା ସଂଗଠନ ମନ୍ତ୍ରୀ ଗୋବିନ୍ଦ, କ୍ଷେତ୍ର ପ୍ରଧାନ ଡ. ପ୍ରଫୁଲ୍ଲ କୁମାର ତ୍ରିପାଠୀ, କ୍ଷେତ୍ରମନ୍ତ୍ରୀ ସବିତାଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। କେନ୍ଦ୍ର ପ୍ରମୁଖ ରେବତୀ ବଲ୍ଲଭ ବାର୍ଷିକ ବିବରଣୀ ପାଠ, ଉପକେନ୍ଦ୍ର ପ୍ରମୁଖ କ୍ରିଷ୍ଣା ଅଗ୍ରୱାଲ ଓ ହରପ୍ରିୟା କାର୍ଯ୍ୟ ସମ୍ପାଦନ କରିଥିବାବେଳେ ଗାୟତ୍ରୀ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ସାମୂହିକ ପ୍ରାର୍ଥନା ଓ ଶାନ୍ତିପାଠ ସମ୍ପାଦିତ ହୋଇଥିଲା। ଗୌରାଙ୍ଗ ଚରଣ ମହାନ୍ତି ଉତ୍ସବ ପରିଚାଳନା କରିଥିଲେ।

**ବେଲେଶ୍ୱର ମହାଦେବଙ୍କ ମନ୍ଦିରରୁ ୨ ମୂର୍ତ୍ତି ଚୋରି**

ପିପିଲି,(ସ୍ୱ.ପ୍ର./ଡି.ଏନ୍.ଏ.)- ପିପିଲି ଥାନା ତେଜସିପୁର ପଞ୍ଚାୟତ ଅନ୍ତର୍ଗତ ଆଲିଶ ଗ୍ରାମସ୍ଥିତ ପ୍ରଭୁ ଶ୍ରୀ ବେଲେଶ୍ୱର ମହାଦେବଙ୍କ ମନ୍ଦିରରୁ ୨ଟି ମୂର୍ତ୍ତି ଚୋରି ହୋଇଥିବା ଅଭିଯୋଗ ହୋଇଛି। ମନ୍ଦିରର ପୂଜକ ପର୍ଶୁରାମ ପଣ୍ଡା ଶୁକ୍ରବାର ସକାଳେ ଠାକୁରଙ୍କ ଦୈନିକ ନୀତିକାନ୍ତି ପାଇଁ ମନ୍ଦିରକୁ ଆସିଥିବା ବେଳେ ମନ୍ଦିରର ମୁଖ୍ୟଦ୍ୱାର ସମେତ ଅନ୍ୟ ଦୁଇଟି ଦ୍ୱାରର ତାଲା ଭଙ୍ଗା ଯାଇଥିବା ଦେଖିଥିଲେ। ମନ୍ଦିର ଭିତରୁ ଠାକୁରଙ୍କ ଚଳନ୍ତି ପ୍ରତିମା ଶିବ ଓ ପାର୍ବତୀଙ୍କ ପିତଳରେ ନିର୍ମିତ ପ୍ରାଚୀନ ମୂର୍ତ୍ତି ଦୁଇଟି ଚୋରି ହୋଇଥିବା ଦେଖି ଗ୍ରାମବାସୀଙ୍କୁ ଜଣାଇଥିଲେ। ମନ୍ଦିର ପରିସରରେ ଗୋଟିଏ ଭଙ୍ଗାତାଲା ଓ ଦୁଇଟି ବିଦ୍ୟୁତ୍ ବଲବ୍ ପଡିଥିଲା। ପୋଲିସ ପ୍ରାଥମିକ ତଦନ୍ତ ଚଳାଇଛି।




୧୭।୨୦୨୨

| ୨,୫୫,୭୧୭ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ୧୧.୬୦ ଗ୍ରାମ |

# ରଥ ଟାଣି ଆତ୍ମସନ୍ତୋଷ ଲଭିଲେ ଶ୍ରଦ୍ଧାଳୁ

ପିପିଲି,୧୭(ସ୍ୱ.ପ୍ର./ଡି.ଏନ୍.ଏ.)

ପିପିଲି ପୌରାଞ୍ଚଳ ଦରଜୀସାହିସ୍ଥିତ ଶ୍ରୀପତିତପାବନ ଦେବଙ୍କ ରଥଯାତ୍ରା ସମ୍ପନ୍ନ ହୋଇଛି। ଏଥିପାଇଁ ମନ୍ଦିରରେ ସକାଳେ ପ୍ରଭୁ ଶ୍ରୀଜଗନ୍ନାଥ, ବଡଭାଇ ବଳଭଦ୍ର ଓ ଦେବୀ ସୁଭଦ୍ରାଙ୍କ ବିଭିନ୍ନ ରୀତିନୀତି ସମ୍ପନ୍ନ ହେବା ପରେ ପହଣ୍ଡି ବିଜେ ହୋଇ ରଥାରୂଢ଼ କରାଯାଇଥିଲା। ଦଇତାସେବକ ଜୟଦେବ ମହାପାତ୍ର, ଅକ୍ଷୟ ମହାପାତ୍ର ଓ ଚନ୍ଦନ ମହାପାତ୍ର ଠାକୁରଙ୍କ ବିଭିନ୍ନ ସେବାନୀତି କରିଥିବା ବେଳେ ପୂର୍ବତନ ପୌରାଧ୍ୟକ୍ଷ ଗୋକୁଳାନନ୍ଦ ମହାନ୍ତି ରଥ ଉପରେ ଛେରାପହଁରା କରିଥିଲେ। ମଧ୍ୟାହ୍ନ ସାଢେ ୧ଟାରେ ରଥଟଣା ଆରମ୍ଭ ହୋଇଥିବା ବେଳେ ଶତାଧିକ ଭକ୍ତ ମଢିଆଳି ସାହି ସ୍ଥିତ ମା'ପଢେଇଶୁଣୀ ଠାକୁରାଣୀଙ୍କ ମନ୍ଦିର ପର୍ଯ୍ୟନ୍ତ ଟାଣି ନେଇଥିଲେ। ଦୀର୍ଘ ୨ ବର୍ଷ ପରେ ପୁଣିଥରେ ରଥ ଟାଣିବାର ସୁଯୋଗ ମିଳିଥିବାରୁ ଶ୍ରଦ୍ଧାଳୁ ଆତ୍ମସନ୍ତୋଷ ହୋଇଥିଲେ। ଅପରାହ୍ନ ୫ଟାରେ ପହଞ୍ଚିବା ପରେ ତିନି ଠାକୁରଙ୍କୁ ପହଣ୍ଡି କରାଯାଇ ମାଉସୀ ମା' ମନ୍ଦିରକୁ ନେଇଥିଲେ। ରଥଯାତ୍ରା ପରିଚାଳନା କମିଟି ସଭାପତି ରମେଶ ଚନ୍ଦ୍ର ଶତପଥୀ, ଉପସଭାପତି ବାମଦେବ ମିଶ୍ର, ସମ୍ପାଦକ ପ୍ରଭାତ ମହାପାତ୍ର, ତହସିଲଦାର ପୁନମ ମହାପାତ୍ରଙ୍କ ସମେତ ପିପିଲି ପୋଲିସ ଉପସ୍ଥିତ ଥିଲେ।


କଣାସଠାରେ ପିଲାମାନେ କୁନିରଥ ଟାଣୁଛନ୍ତି ।

**କଣାସ(ସ୍ୱ.ପ୍ର):** କଣାସ ବ୍ଲକର ବିଭିନ୍ନ ସ୍ଥାନରେ ରଥଯାତ୍ରା ଅନୁଷ୍ଠିତ ହୋଇଛି। ବିଶେଷକରି କୁନି ପିଲାମାନେ ରଙ୍ଗବେରଙ୍ଗର କାଗଜରେ ରଥ ନିର୍ମାଣ କରି ସେଥି ମଧ୍ୟରେ ଶ୍ରୀଜଗନ୍ନାଥ, ବଳଭଦ୍ର, ସୁଭଦ୍ରାଙ୍କ ଫଟୋଚିତ୍ର ରଖି ମୁଖ୍ୟରାସ୍ତା ଓ ଗ୍ରାମରେ ଟାଣିଥିଲେ। ସେହିପରି ଦୋକନ୍ଦା ଜଗନ୍ନାଥ ମନ୍ଦିରରୁ ମହାପ୍ରଭୁ ଜଗନ୍ନାଥଙ୍କ ରଥ ବାହାରି ୬କି.ମି. ଅତିକ୍ରମ କରି ଜଙ୍ଘାର ଛକରେ ଥିବା ମାଉସୀ ମା ମନ୍ଦିରରେ ପହଞ୍ଚିଥିଲେ। ରଥଟଣା ସମୟରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହଶହ ଭକ୍ତ ଠିଆହୋଇ ହରିବୋଲ ହୁଳହୁଳି ଧ୍ୱନିରେ ପ୍ରକମ୍ପିତ ହୋଇଉଠିଥିଲା।

**କୋଣାର୍କ,(ଡି.ଏନ୍.ଏ.)-** କୋଣାର୍କସ୍ଥିତ ଶ୍ରୀଜଗନ୍ନାଥ ଟ୍ରଷ୍ଟ ବୋର୍ଡ ପକ୍ଷରୁ ଚତୁର୍ଦ୍ଧାମୂର୍ତ୍ତିଙ୍କ ରଥଯାତ୍ରା ପାଳିତ ହୋଇଯାଇଛି। କୋଣାର୍କ ଜଗନ୍ନାଥ ମନ୍ଦିରରେ ଶ୍ରୀଜୀଉଙ୍କ ରୀତିନୀତି ସମାପନ କରାଯିବା ପରେ ରାଉଳପାଟଣାସ୍ଥିତ ଶ୍ରୀଗୁଣ୍ଡିଚା ମନ୍ଦିରରୁ ନିମନ୍ତ୍ରଣ ଆସିବା ପରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ବଡ଼ଭାଇ ବଳଭଦ୍ର, ଭଉଣୀ ସୁଭଦ୍ରା ଓ ସୁଦର୍ଶନଙ୍କୁ ଦିବା ୧ଟାରେ ଗୋଟି ପହଣ୍ଡିରେ ଅଣାଯାଇ ରଥାରୂଢ଼ କରାଯାଇଥିଲା। ପରେ ଶ୍ରୀଜଗନ୍ନାଥ ଟ୍ରଷ୍ଟ ବୋର୍ଡ ସଭ୍ୟ ଗୋପାଳ ଚନ୍ଦ୍ର ଦାସ ଛେରାପହଁରା କରିଥିଲେ। ଅପରାହ୍ନ ୩ଟାରେ ରଥଟଣା ହୋଇଥିଲା। ସନ୍ଧ୍ୟାରେ ରଥ ଶ୍ରୀଗୁଣ୍ଡିଚା ମନ୍ଦିରରେ ପହଞ୍ଚିଥିଲା। ଶ୍ରୀଜଗନ୍ନାଥ ଟ୍ରଷ୍ଟ ବୋର୍ଡର ମୁଖ୍ୟ ଟ୍ରଷ୍ଟି ଅମରେଶ୍ୱର ନାୟକ ଓ ଟ୍ରଷ୍ଟ ବୋର୍ଡ ପରିଚାଳକ ନିରଞ୍ଜନ ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସୁମନ୍ତ ବେଉରା, ଦୁଃଶାସନ ନାୟକ, ବଟକୃଷ୍ଣ ନାୟକ, ପପିଞ୍ଜନ ନାୟକ ଓ ଶରତ ନାୟକ ପ୍ରମୁଖ ପରିଚାଳନା କରିଥିଲେ।

**ସାକ୍ଷୀଗୋପାଳ(ଡି.ଏନ.ଏ.)-** ସ୍ଥାନୀୟ ବକୁଳ ବନରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅଜା ରୂପେ ପୂଜା ପାଉଥିବା ଶ୍ରୀ ସିଦ୍ଧ ବଳରାମ ଦେବଙ୍କ ରଥଯାତ୍ରା ହୋଇଯାଇଛି। ଦୈନନ୍ଦିନ ଦେବନୀତି ହୋଇ ଠାକୁରଙ୍କୁ ଭୋଗ ପରେ ପହଣ୍ଡି ବିଜେ, ଛେରାପହଁରା ନୀତି ପରେ ଘଣ୍ଟ, ଘଣ୍ଟି, କାହାଳୀ, ମୃଦଙ୍ଗ ବାଦ୍ୟ ମଧ୍ୟରେ ଠାକୁରଙ୍କ ପହଣ୍ଡି କରାଯାଇ ରଥାରୂଢ଼ କରାଯାଇଥିଲା। ଶ୍ରଦ୍ଧାଳୁ ଓ ଛୋଟ ପିଲାମାନେ ମନ୍ଦିର ନିକଟରୁ ରଥ ଟାଣି ନେଇଥିଲେ। ଚନ୍ଦନ ମଣ୍ଡପରେ ଚନ୍ଦନ ଚକଡାରେ ଠାକୁର ବିରାଜମାନ କରିଥିଲେ। ସେବାୟତ ଲୋକନାଥ ମହାପାତ୍ର, ସୋମନାଥ ମହାପାତ୍ର ଓ କେଶବ ଚନ୍ଦ୍ର ମହାପାତ୍ରଙ୍କ ସମେତ ଅନ୍ୟମାନେ ଠାକୁରଙ୍କ ଦେବନୀତି ସମ୍ପାଦନା କରିଥିଲେ।


ଅସ୍ତରଙ୍ଗର ବରଡିହୀଠାରେ ଶ୍ରଦ୍ଧାଳୁମାନେ ଠାକୁରଙ୍କୁ ଦର୍ଶନ କରୁଛନ୍ତି ।


ପୁରୀ ସହରରେ ପିଲାମାନଙ୍କ କୁନିରଥ ।

## ପତିତପାବନଙ୍କ ମହାରାଜ, ଫୁଲୁରୀ ବେଶ



ନିମାପଡ଼ା,୧୭(ଡି.ଏନ୍.ଏ.)

ରଥଯାତ୍ରା ଅବସରରେ ନିମାପଡ଼ାର ଆରଧ୍ୟ ଦେବତା ପ୍ରଭୁଶ୍ରୀ ପତିତପାବନ ଦେବଙ୍କ ନିଆରା ପରମ୍ପରା ଅନୁଷ୍ଠିତ ହୋଇଛି। ଶ୍ରୀପତିତପାବନଙ୍କ ସକାଳେ ମହାରାଜ ବେଶ ଓ ସନ୍ଧ୍ୟାରେ ପ୍ରଭୁଙ୍କ ଫୁଲୁରୀ ବେଶ ହୋଇଥିଲା। ଏହି ବେଶକୁ ଦେଖିବା ପାଇଁ ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲା। ସଅଳ ନୀତିକାନ୍ତି ହୋଇ ମହାରାଜ ବେଶ ହୋଇଥିବା ବେଳେ ପରେ ଖେଚୁଡ଼ି ଭୋଗ, ଆଳି, ମହାପ୍ରସାଦ ଭୋଗ, ସନ୍ଧ୍ୟା ଆଳତି, ଫୁଲୁରୀ ବେଶ ସହ ବାଳଭୋଗ, ଆଳତି ହୋଇ ଅନ୍ୟ ନୀତି ହୋଇଥିବା ମନ୍ଦିର ପୂଜକ ଲକ୍ଷ୍ମୀଧର ଦାଶ କହିଛନ୍ତି।

## ରାଜ୍ୟପାଳଙ୍କ ଦ୍ୱାରା ପୁସ୍ତକ ଉନ୍ମୋଚିତ

କଣାସ,୧୭(ସ୍ୱ.ପ୍ର.)

କଣାସ ବ୍ଲକ ବୈଦ୍ୟନାଥପାଟଣା ଗ୍ରାମର ନାଟ୍ୟକାର ତଥା ସାହିତ୍ୟିକ ବିଭୂତି ଭୂଷଣ ପଟ୍ଟନାୟକଙ୍କ ରଚିତ ଏକ ନାଟକର ପୁସ୍ତକ ଲୋକାର୍ପଣ କାର୍ଯ୍ୟକ୍ରମ ଶୁକ୍ରବାର ପୁରୀ ରାଜଭବନଠାରେ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ ଯୋଗଦେଇ ସାହିତ୍ୟିକ ବିଭୂତିଭୂଷଣଙ୍କ ନାଟକ 'ଏହି ମାଟି ମୋ ମା' ପୁସ୍ତକ ଉନ୍ମୋଚିତ କରିଛନ୍ତି। ଏଥିସହ ରାଜ୍ୟପାଳ ନାଟ୍ୟକାରଙ୍କ ପୁସ୍ତକ ବିଷୟରେ ଆଲୋଚନା କରିଥିଲେ। ଉନ୍ମୋଚନ ସମୟରେ ବିଶିଷ୍ଟ ଲେଖକ ରକ୍ଷକ ନାୟକ, ଶିଶୁ ସାହିତ୍ୟିକ ବୀରେନ୍ଦ୍ର ମହାନ୍ତି, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ମିନତୀ ପଟ୍ଟନାୟକ, ଅବସରପ୍ରାପ୍ତ ସେନା ଅଧିକାରୀ ଅମରନାଥ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

ସେଲ୍ଫି କର୍ଣ୍ଣର ଧରିତ୍ରୀ
DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
metroselfie@gmail.com


@ ମୃତ୍ୟୁଞ୍ଜୟ


@ ବିକାସ


@ କାହ୍ନୁଚରଣ


@ ପ୍ରଦୀପ୍ତ


@ ଚନ୍ଦ୍ରମଣୀ


@ ସ୍ୱସ୍ତିକ

# ଭକ୍ତିରେ ଭିଜିଲା ବଡ଼ଦାଣ୍ଡ

### ନୃତ୍ୟ, ସଂକୀର୍ତ୍ତନରେ ବିଭୋର

ପୁରୀ ବଡ଼ଦାଣ୍ଡରେ ଭକ୍ତିଭାବର ଅବର୍ଣ୍ଣନୀୟ ମୁହୂର୍ତ୍ତ ଦେଖିବାକୁ ମିଳିଥିଲା। କେଉଁଠି ନାମ ସଂକୀର୍ତ୍ତନ ପରିବେଷଣ, ଭଜନ ଜଣାଣ ଗାନ ତ ଆଉ କେଉଁଠାରେ ଓଡ଼ିଶୀ ଓ ଗୋଟିପୁଅ ନୃତ୍ୟ ସାଙ୍ଗକୁ ବିଭିନ୍ନ ବେଶଧାରୀଙ୍କ ନୃତ୍ୟ ମନ ମୋହିଥିଲା। ନୃତ୍ୟଶିଳ୍ପୀମାନେ ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ ଓଡ଼ିଶୀ ନୃତ୍ୟ, ମାହାରୀ ଓ ଗୋଟିପୁଅ ନୃତ୍ୟ ପରିବେଷଣ କରିଥିଲେ। ସେମାନଙ୍କ ନୃତ୍ୟରେ ଜଗନ୍ନାଥ ସଂସ୍କୃତିର ଝଲକ ବାରି ହୋଇପଡୁଥିଲା। ସେହିପରି ଶିବ, ହନୁମାନ ଓ କୃଷ୍ଣ ବେଶଧାରୀମାନେ ନାଚିବା ବେଳେ ଟିକେ ବି ପାଦ ଥକି ପଡୁ ନ ଥିଲା।

### ଦରିଆ ପାରିର ନିଆରା ଶ୍ରଦ୍ଧାଳୁ

ବିଶ୍ୱନିୟନ୍ତାଙ୍କ ଏହି ବିଶ୍ୱ ପ୍ରସିଦ୍ଧ ଘୋଷଯାତ୍ରା ଦେଖିବା ପାଇଁ ଶ୍ରୀକ୍ଷେତ୍ରକୁ ବିଶ୍ୱର ବିଭିନ୍ନ ସ୍ଥାନରୁ ଛୁଟି ଆସିଥିଲେ ବହୁ ଶ୍ରଦ୍ଧାଳୁ। ସେମାନଙ୍କ ମଧ୍ୟରୁ କେତେଜଣ ହରିବୋଲ, ଜୟ ଜଗନ୍ନାଥ ଧ୍ୱନୀ ଦେଉଥିଲେ ତ ଆଉ କେହି ଇସ୍କନ ଭକ୍ତଙ୍କ ମେଳରେ ବସି ନାମ ସଂକୀର୍ତ୍ତନରେ ମଜ୍ଜି ଯାଇଥିଲେ। ସେହିପରି ଆଉ କେତେଜଣଙ୍କୁ ଆନନ୍ଦରେ ନାଚୁଥିବାର ଦେଖିବାକୁ ମିଳିଥିଲା।

### ଗୀତଗୋବିନ୍ଦ ଗାଇଲେ ସେବାୟତ

ଭକ୍ତଙ୍କ ଗହଣରେ ତିନି ରଥ ଶ୍ରୀଗୁଣ୍ଡିଚା ମନ୍ଦିର ନିକଟରେ ପହଞ୍ଚିବା ପରେ ଅନେକ ସେବାୟତ ଓ ଭକ୍ତ ଏକାଠି ହୋଇ ଆନନ୍ଦରେ ଭଜନ ଜଣାଣ ଓ ଗୀତଗୋବିନ୍ଦ ଗାନ କରିଥିଲେ। ଏହି ସମୟରେ ଭକ୍ତିମୟ ପରିବେଶ ସୃଷ୍ଟି ହୋଇଥିଲା।

### ସେବା, ସମର୍ପଣରେ ଆତ୍ମସନ୍ତୋଷ

ରଥଯାତ୍ରାରେ ଅନେକ ବ୍ୟକ୍ତି ଓ ସ୍ୱେଚ୍ଛାସେବୀ ବିଭିନ୍ନ ପ୍ରକାର ସେବା ଯୋଗାଇ ଆତ୍ମସନ୍ତୋଷ ଲାଭ କରିଥିଲେ। କେହି ଭକ୍ତଙ୍କୁ ପାନୀୟଜଳ, ଖାଦ୍ୟ ବାଣ୍ଟୁଥିବାବେଳେ ଆଉ କେହି ଭକ୍ତଙ୍କ ଉପରେ ପାଣି ସିଞ୍ଚନ କରିଥିଲେ। ସେହିପରି ଅନେକ ସ୍ୱେଚ୍ଛାସେବୀ ଅଚେତ ବ୍ୟକ୍ତିଙ୍କୁ ଉଦ୍ଧାର କରି ହସ୍ପିଟାଲ ପଠାଇଥିଲେ।

### ସ୍ୱେଚ୍ଛାସେବୀଙ୍କ ଗ୍ରୀନ କରିଡର

ଭକ୍ତଙ୍କୁ ସାହାଯ୍ୟ ଯୋଗାଇଦେବାକୁ ସ୍ୱେଚ୍ଛାସେବୀଙ୍କ ପକ୍ଷରୁ ଗ୍ରୀନ କରିଡର କରାଯାଇଥିଲା। ଗହଳି ମଧ୍ୟରେ ଭକ୍ତ ଅଚେତ ହୋଇଗଲେ କିମ୍ବା କୌଣସି ଦୁର୍ଘଟଣା ଘଟିଲେ ଆହତଙ୍କୁ ଆମ୍ବୁଲାନ୍ସ ଯୋଗେ ମେଡିକାଲ ନେବା ପାଇଁ ସ୍ୱେଚ୍ଛାସେବୀମାନେ ବଡ଼ଦାଣ୍ଡରେ ହାତକୁହାତ ଧରି ମାନବ ଶୃଙ୍ଖଳ କରି ସ୍ୱତନ୍ତ୍ର ରାସ୍ତା କରିଦେଉଥିଲେ। ଏଥିରେ ୧ ହଜାର ସ୍ୱେଚ୍ଛାସେବୀ, ୧୦ ଆମ୍ବୁଲାନ୍ସ ଓ ୨୦ ଷ୍ଟ୍ରେଚର ନିୟୋଜିତ ଥିଲେ।

### ପାସ୍ ଥାଇ ବି ହଇରାଣ

ଲୋକଙ୍କ ପାଖରେ ପାସ୍ ଥିଲା। ମାତ୍ର ଅସମ୍ଭାଳ ଗହଳି ହେତୁ ପାସ୍‌ଧାରୀଙ୍କୁ ବଡ଼ଦାଣ୍ଡକୁ ଛଡ଼ାଯାଇ ନ ଥିଲା। ତେବେ ନନ୍ଦିଘୋଷ ରଥ ସ୍ୱାଭାବିକ ଭାବେ ଗତିଶୀଳ ହେବା ପରେ ପାସ୍‌ଧାରୀମାନଙ୍କୁ ଛଡ଼ାଯାଇଥିଲା। ସେହିପରି ପ୍ରତିବର୍ଷ ଖବରଦାତାମାନେ ବସିବା ପାଇଁ ପ୍ରଶାସନ ପକ୍ଷରୁ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ ବ୍ୟବସ୍ଥା କରାଯାଇଥାଏ। ଖବରଦାତାମାନେ ଖବର ସଂଗ୍ରହ କରିବା ସହ ଉକ୍ତ ସ୍ଥାନରେ ଯାଇ ବିଶ୍ରାମ ନେଇଥାନ୍ତି। ମାତ୍ର ଚଳିତ ବର୍ଷ ସେପରି ବ୍ୟବସ୍ଥା କରାଯାଇ ନ ଥିଲା। ଫଳରେ ଘଣ୍ଟା ଘଣ୍ଟା ଧରି ଖବରଦାତାଙ୍କୁ ଖରାରେ ଠିଆ ହେବାକୁ ପଡ଼ିଥିଲା।

### ମାସ୍କ କଟକଣା ମାନିଲେନି

ରଥଯାତ୍ରାରେ ମାସ୍କ ପରିଧାନ ବାଧ୍ୟତାମୂଳକ ଥିଲା। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଏନେଇ ନିର୍ଦ୍ଦେଶନାମା ଜାରି କରିଥିଲା। ମାତ୍ର ଘୋଷଯାତ୍ରାରେ ୧୦ ଲକ୍ଷରୁ ଊର୍ଦ୍ଧ୍ୱ ଭକ୍ତଙ୍କ ସମାଗମ ସତ୍ତ୍ୱେ କାହାରି ମୁହଁରେ ମାସ୍କ ନ ଥିଲା। ଏପରି କି ଅଧିକାଂଶ ପ୍ରଶାସନିକ ଅଧିକାରୀ ଓ କର୍ମଚାରୀ ବିନା ମାସ୍କରେ କର୍ତ୍ତବ୍ୟରତ ଥିଲେ। ସ୍ୱେଚ୍ଛାସେବୀମାନେ କିଛି କିଛି ସ୍ଥାନରେ ମାସ୍କ ବାଣ୍ଟୁଥିଲେ ମଧ୍ୟ ତାହା ପର୍ଯ୍ୟାପ୍ତ ନ ଥିଲା ବୋଲି ଶ୍ରଦ୍ଧାଳୁ ଚିନ୍ମୟ ଦାଶ କହିଛନ୍ତି। ଅନ୍ୟପକ୍ଷରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ସୁଜାତା ମିଶ୍ର କହିଛନ୍ତି, ୫ଲକ୍ଷ ମାସ୍କ ବଣ୍ଟାଯାଇଛି। ଜିଲା ପ୍ରଶାସନ, ପୋଲିସ, ଅଗ୍ନିଶମ ଭଳି ବିଭାଗ ସମେତ ପୂର୍ବତଟ ରେଳପଥକୁ ମାସ୍କ ଦିଆଯାଇଥିଲା। ସେହିପରି ଲୋକେ ମାସ୍କ ପରିଧାନକୁ ହାଲୁକା ଭାବେ ନେଇଥିବା ସେ କହିଛନ୍ତି।

### ଗୁଳୁଗୁଳିରେ ଶତାଧିକ ଅସୁସ୍ଥ, ଲହଡ଼ି ମାଡ଼ରେ ଅନେକ ଆହତ

ପ୍ରବଳ ଗୁଳୁଗୁଳି ଓ ଗରମ ସାଙ୍ଗକୁ ଗହଳି କାରଣରୁ ଶତାଧିକ ବ୍ୟକ୍ତି ଅସୁସ୍ଥ ହୋଇପଡ଼ିଥିଲେ। ସେହିପରି ସମୁଦ୍ରରେ ସ୍ନାନ କରୁଥିବାବେଳେ ଲହଡ଼ି ମାଡ଼ରେ ଅନେକ ପର୍ଯ୍ୟଟକ ଓ ଶ୍ରଦ୍ଧାଳୁ ଆହତ ହୋଇଥିଲେ। ସ୍ୱେଚ୍ଛସେବୀ ଓ ଲାଇଫଗାର୍ଡମାନେ ସେମାନଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ପ୍ରାୟ ୩୦୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଚିକିତ୍ସାଳୟରେ ଭର୍ତ୍ତି ହୋଇଥିବା ଜଣାପଡ଼ିଛି। ଅନ୍ୟପକ୍ଷରେ ନଡ଼ିଆ ମାଡ଼ରେ ରାପିଡ୍ ଆକ୍ସନ ଫୋର୍ସର ଜଣେ ମହିଳା କର୍ମଚାରୀଙ୍କ ମୁଣ୍ଡରେ ନଡ଼ିଆ ବାଜିବାରୁ ଗୁରୁତର ଆହତ ହୋଇଥିଲେ। ତାଙ୍କ ନାମ ଏ.ଏଚ. ସୁମତି ଦେବୀ ବୋଲି ଜଣାପଡ଼ିଛି।

### ଟାହିଆ ଛିଡ଼ାଇ ନେଲେ

ଟାହିଆର ସୁନ୍ଦରତା କାରଣରୁ ବିଗତ କିଛିବର୍ଷ ହେବ ସେଗୁଡିକୁ ପହଣ୍ଡି ପରେ ଶ୍ରୀମନ୍ଦିର ପ୍ରଶାସନ ସଂରକ୍ଷିତ ରଖିଆସୁଛି। ଶ୍ରୀବିଗ୍ରହମାନେ ରଥ ଉପରକୁ ଉଠିବା ପରେ ରଥରେ ରୁଣ୍ଡା ହେବା ପୂର୍ବରୁ ସେବାୟତମାନେ ଟାହିଆକୁ ସୁରକ୍ଷିତ ଭାବେ ମହାପ୍ରଭୁଙ୍କ ମସ୍ତକରୁ କାଢି ଶ୍ରୀମନ୍ଦିର ପ୍ରଶାସନକୁ ହସ୍ତାନ୍ତର କରିଥାନ୍ତି। ତେବେ ମହାପ୍ରଭୁଙ୍କ ପହଣ୍ଡି ବିଜେ ସମୟରେ ଟାହିଆକୁ କେତେଜଣ ସେବକ ଛିଡ଼ାଇ ନେଇଥିବା ଦେଖିବାକୁ ମିଳିଥିଲା।

### ରଥରେ ଉଠାଇଲେ ଫଟୋ

ରଥ ଉପରକୁ ସେବାୟତମାନେ ମୋବାଇଲ ଫୋନ ନେବା ଓ ରଥ ଉପରେ ଫଟୋ କିମ୍ବା ସେଲ୍ଫି ଉଠାଇବେ ନାହିଁ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୁହାଯାଇଥିଲା। ତେବେ କେତେଜଣ ସେବାୟତ ରଥ ଚାଲିବା ସମୟରେ ସେଲ୍ଫି ଉଠାଉଥିବା ଫଟୋ ସୋସିଆଲ ମିଡିଆରେ ଭାଇରାଲ ହୋଇଛି।

## ସୂର୍ଯ୍ୟମନ୍ଦିର ଆଗରେ ଗାଇଡ୍, ଫଟୋଗ୍ରାଫରଙ୍କ ଧାରଣା

କୋଣାର୍କ,୧୭(ଡି.ଏନ୍.ଏ.)

କୋଣାର୍କ ସୂର୍ଯ୍ୟ ମନ୍ଦିର ପରିସରରେ ଦୀର୍ଘ ବର୍ଷ ଧରି ଫଟୋ ଉତ୍ତୋଳନ କରି ଜୀବିକା ନିର୍ବାହ କରୁଥିବା ସୂର୍ଯ୍ୟମନ୍ଦିର ଗାଇଡ୍ ଓ ଫଟୋଗ୍ରାଫର ସଦସ୍ୟଙ୍କୁ ପ୍ରତି ଏଏସ୍‌ଆଇ କର୍ତ୍ତୃପକ୍ଷ ଅଣଦେଖା କରୁଛି। ଏପରିକି ଗତ ସପ୍ତାହେ ହେବ ଏଏସ୍‌ଆଇ କର୍ତ୍ତୃପକ୍ଷ ନିର୍ଦ୍ଦିଷ୍ଟ ୧୦ଜଣ ଗାଇଡ୍ ଓ ଫଟୋଗ୍ରାଫରଙ୍କୁ ସୂର୍ଯ୍ୟମନ୍ଦିର ଭିତରକୁ ପ୍ରବେଶ ଅନୁମତି ଦେଇଛନ୍ତି। ଫଳରେ ଦୀର୍ଘବର୍ଷ ଧରି ଏଠାରେ କାର୍ଯ୍ୟରତ ପୁରୁଣା ଗାଇଡ୍ ଓ ଫଟୋଗ୍ରାଫରଙ୍କୁ ସୂର୍ଯ୍ୟମନ୍ଦିର ପ୍ରବେଶକୁ ଅନୁମତି ଦିଆଯାଇ ନାହିଁ। ଏହାର ପ୍ରତିବାଦରେ ଶୁକ୍ରବାର ସୂର୍ଯ୍ୟ ମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ ଗାଇଡ୍ ଓ ଫଟୋଗ୍ରାଫର ଆସୋସିଏଶନ ପକ୍ଷରୁ ଗଣଧାରଣା ଦିଆଯାଇଛି। ସୂର୍ଯ୍ୟମନ୍ଦିର ଗାଇଡ ଓ ଫଟୋଗ୍ରାଫର ଆସୋସିଏଶନ ୧୯୮୪ ଅଗଷ୍ଟ ୧୮ରୁ ପୁରୀ ଜିଲାପାଳଙ୍କ କାର୍ଯ୍ୟାଳୟରେ ପଞ୍ଜୀକୃତ ହୋଇଥିଲା। ଆସୋସିଏଶନର ୧୫୪ଜଣଙ୍କୁ ମନ୍ଦିର ଭିତରେ କାର୍ଯ୍ୟ କରିବା ପାଇଁ ପର୍ଯ୍ୟଟନ ବିଭାଗ ପକ୍ଷରୁ ଏକ ପରିଚୟପତ୍ର ଦିଆଯାଇଥିଲା। କିନ୍ତୁ ଏଏସ୍‌ଆଇ କର୍ତ୍ତୃପକ୍ଷ ସେମାନଙ୍କୁ ଲାଇସେନ୍ସ ନ ଦେଇ ଅନ୍ୟକୁ ଦେଇଥିବାରୁ ବିବାଦ ଲାଗିରହିଥିଲା। ଧାରଣାରେ ହଟ କିଶୋର ମହାରଣା, ସମ୍ପାଦକ ଉମାକାନ୍ତ ବେହେରା, ନବକିଶୋର ସେଠୀ, ସଦାଶିବ ପତି, ଗୁଣନିଧି ଲେଙ୍କା, ସୁରେନ୍ଦ୍ର କାଣ୍ଡି ପ୍ରମୁଖ ସାମିଲ ଥିଲେ।


ପୁରୀ ରଥଯାତ୍ରା ଅବସରରେ ବିଭିନ୍ନ ବିଭାଗର ମନ୍ତ୍ରୀ ଏବଂ ଅନ୍ୟମାନେ ।



ପୁରୀ: ମହାପ୍ରଭୁଙ୍କ ନିମନ୍ତେ ସେବାୟତମାନେ ତୁଳସୀ ମାଳ ନେଉଛନ୍ତି ।


ପିପିଲିସ୍ଥିତ ଭକ୍ତ ଦାସିଆ ପୀଠରେ ତିନିଠାକୁର ।